Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448







## 'ଗୁଜରାଟ ପାଇଁ ନକରି ଓଡ଼ିଶା ପାଇଁ ଭିଜନ ରିଲିଜ୍ କରିଛନ୍ତି ପ୍ରଧାନମନ୍ତ୍ରୀ' : ନୀତି ଆୟୋଗ ସିଇଓ



ଭୁବନେଶ୍ୱର,୭/୨(ନି/ପ୍ର): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ପାଇଁ ଅର୍ଥନୈତିକ କରିଡର ଶୁଭାରମ୍ଭ। ଓଡ଼ିଶା ଭିଜନ ୨୦୪୭ର ମୁଖ୍ୟ ଗ୍ରୋଥ୍ ଇଞ୍ଜିନ ହେବ ବିସିପିପିଇଆର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବିସିପିପିଇଆର ଅଧୀନରେ ଅନେକ ଗୁଡିଏ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ଶୁଭାରମ୍ଭ କରିଛନ୍ତି। । ଏହି ଅର୍ଥନୈତିକ ଯୋଜନାକୁ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନୀତିଆୟୋଗର ସଦସ୍ୟ ରାଜୀବ ଗୌବା ଏବଂ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ମଧ୍ୟ ଯୋଗ ଦେଇଛନ୍ତି। ଏହି ଅବସରରେ ନୀତି ଆୟୋଗ ସିଇଓ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ୧୫ ରୁ ୧୭ଟି ରାଜ୍ୟ ଭିଜନ ଡକ୍ୟୁମେଂଟ ପ୍ରସ୍ତୁତ ହୋଇଛି, କିନ୍ତୁ ପ୍ରଧାନମନ୍ତ୍ରୀ କେବଳ ଓଡ଼ିଶାର ଭିଜନ ଡକ୍ୟୁମେଂଟକୁ ରିଲିଜ କରିଛନ୍ତି। ୨୦୨୪ ମସିହାରେ ଯେତେବେଳେ ଗ୍ଲୋବାଲ ସମ୍ମିଟ ଚାଲିଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ଗାନ୍ଧୀନଗରରେ ଥିଲେ। ନିଜ ରାଜ୍ୟ ଗୁଜରାଟ ପାଇଁ ଭିଜନ ରିଲିଜ୍ କରିବା ପାଇଁ ମୁଁ ତାଙ୍କୁ କହିଥିଲେ। ହେଲେ ସେ ସେତେବେଳେ କହିଥିଲେ ଯେ, ଭିଜନ ଡକ୍ୟୁମେଂଟକୁ ଅର୍ଥମନ୍ତ୍ରୀ ରିଲିଜ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଜନ ହେଉଛି ବିକଶିତ ଭାରତ ୨୦୪୭। ଯେଉଁଠି ଜିଡିପି ହେବ ୩୦ ଟ୍ରିଲିଅନ ଡଲାର। ଭାରତ ୨୦୪୭ ସୁଦ୍ଧା ବିକଶିତ ଦେଶ ଭାବରେ ପରିଗଣିତ ହେବ। ଏଥିପାଇଁ ସମସ୍ତ ଅଧିକାରୀମାନଙ୍କଠୁ ଆରମ୍ଭ କରି ସମସ୍ତ ନାଗରିକ ଉତ୍ସାହିତ ଅଛନ୍ତି ଏବଂ ଏହି ଲକ୍ଷ୍ୟକୁ ପୂରଣ କରିବାକୁ ଲାଗି ପଡିଛନ୍ତି। ବିକଶିତ ଓଡ଼ିଶା ପ୍ଲାନ ପ୍ରସ୍ତୁତ ହୋଇଛି। ବିକଶିତ ରାଜ୍ୟ ପାଇଁ ମଧ୍ୟପ୍ରଦେଶ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ ଭଳି ୧୫ ରୁ ୧୭ଟି ରାଜ୍ୟ ଭିଜନ ପ୍ରସ୍ତୁତ କରିଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକମାତ୍ର ରାଜ୍ୟ ଭାବେ ଓଡ଼ିଶା ପାଇଁ ଭିଜନ ରିଲିଜ୍ କରିଛନ୍ତି। ଏହା ଦର୍ଶାଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଆଟାଚମେଂଟ ଏବଂ ଫିଲିଙ୍ଗସ୍ ଅଧିକ। ପ୍ରଧାନମନ୍ତ୍ରୀଙ୍କ ପାଇଁ ଓଡ଼ିଶା ସ୍ୱତନ୍ତ୍ର। ଓଡ଼ିଶା ସରକାର ମଧ୍ୟ ଏହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ଏହା ଦେଖି ମୋତେ ଗର୍ବ ଲାଗୁଛି। ବି.ଭି.ଆର୍ ସୁବ୍ରମଣ୍ୟମ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରତି ଧନ୍ୟବାଦ ଜଣାଇ କହିଥିଲେ ଯେ, ଆମର ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଂଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ମୁମ୍ବାଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ ନୀତି ଆୟୋଗର ଏହା ହେଉଛି ପଂଚମ ଯୋଜନା। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ବିକଶିତ ଓଡ଼ିଶା ପାଇଁ ମଧ୍ୟ ନୀତି ଆୟୋଗ ଯୋଜନା ପ୍ରସ୍ତୁତ କରିଛି। ଆମର ଏହି ଯୋଜନା କେବଳ ଓଡ଼ିଶା ପାଇଁ ନୁହେଁ ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ।

## ରାଜ୍ୟପାଳଙ୍କୁ ଭେଟିଲେ ତାମିଲନାଡୁ ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର,୭/୨(ପିଆଇବି): ଚେନ୍ନାଇର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଏକ ୧୫ ଜଣିଆ ତାମିଲ ଗଣମାଧ୍ୟମ ପ୍ରତିନିଧି ଦଳ ୩ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଅଛନ୍ତି । ଗସ୍ତ ଅବସରରେ ଆଜି ଏହି ପ୍ରତିନିଧି ଦଳ ଭୁବନେଶ୍ୱର ଲୋକଭବନ ଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି । ଆଲୋଚନା ସମୟରେ, ମହାମହିମ ଓଡ଼ିଶାର ଦୃଢ଼ ଆର୍ଥିକ ସ୍ଥିରତା ଉପରେ ଆଲୋକପାତ କରିଥିଲେ। ରାଜ୍ୟକୁ ପ୍ରଚୁର ଖଣିଜ ସମ୍ପଦ, ବିଶେଷକରି ଲୁହାପଥର ଏବଂ ବକ୍ସାଇଟ୍ ରେ ପରିପୂର୍ଣ୍ଣ କ୍ଷେତ୍ର ଭାବେ ସେ ବର୍ଣ୍ଣନା କରିଥିଲେ। ରାଜ୍ୟପାଳ କହିଥିଲେ ଖଣିଜ ସମୃଦ୍ଧି ରାଜ୍ୟର ଦ୍ରୁତ ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ରାଜ୍ୟପାଳ ଓଡ଼ିଶାର ବକ୍ସାଇଟ୍ ସମ୍ପଦକୁ ଉପଯୋଗ କରିବା ଏବଂ ଶିଳ୍ପ ଅଭିବୃଦ୍ଧିକୁ ଗତିଶୀଳ କରିବାରେ ନେସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ) ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ରାଜ୍ୟପାଳ କହିଥିଲେ, ଖଣିଜ ନୀତିରେ ପରିବର୍ତ୍ତନ କରାଯାଇ ରୟାଲ୍ଟି ବଦଳରେ ଖଣି ଗୁଡ଼ିକର ନିଲାମ ଆରମ୍ଭ କରାଯାଇଛି । ଏହାଫଳରେ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ଭାବରେ ଉଭା ହୋଇଛି, । ଏହି ନୀତି ପରିବର୍ତ୍ତନ ରାଜ୍ୟ ରାଜକୋଷକୁ ମିଳୁଥିବା ରାଜସ୍ୱ ପ୍ରାୟ ୧୨ ହଜାର କୋଟିରୁ ୫୦ ହଜାର କୋଟିକୁ ବୃଦ୍ଧି ପାଇଛି । ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ, ଭାରତୀୟ ରେଳବାଇ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାକୁ ରେଳ ଲାଇନ ମାଧ୍ୟମରେ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି ।

## ଶ୍ରମିକ କଲ୍ୟାଣ ଏକ 'ବୈଚାରିକ ଆନ୍ଦୋଳନ' : ଧର୍ମେନ୍ଦ୍ର ପ୍ରଧାନ



ପୁରୀ/ଭୁବନେଶ୍ୱର, ୭/୨(ନି/ପ୍ର): ଶ୍ରମିକ କଲ୍ୟାଣ କେବଳ ଏକ ସାଂଗଠନିକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ଦାୟିତ୍ୱବାନ ବୈଚାରିକ ଆନ୍ଦୋଳନ ଯାହା ରାଷ୍ଟ୍ର ନିର୍ମାଣର ମୂଳଦୁଆ ସଦୃଶ । ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାବନ ଧାମ ପୁରୀ ଠାରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ଅଖିଳ ଭାରତୀୟ ତ୍ରୈବାର୍ଷିକ ଅଧିବେଶନରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରମିକମାନଙ୍କୁ ଦେଶ ଗଠନର ମୁଖ୍ୟ ଆଧାରଶିଳା ଭାବେ ଅଭିହିତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତୀୟ ସମ୍ବିଧାନର ଆଦର୍ଶରେ 'ଶ୍ରମର ସମ୍ମାନ' ପାଇଁ ଭାରତୀୟ ମଜଦୁର ସଂଘ ସର୍ବଦା ସମର୍ପିତ । ସଂଗଠନ ନିଜର ପ୍ରତିଷ୍ଠା କାଳରୁ ରାଷ୍ଟ୍ରହିତ, ଶ୍ରମିକ କଲ୍ୟାଣ ଏବଂ 'ଆତ୍ମନିର୍ଭର ଭାରତ'ର ସଂକଳ୍ପ ସହିତ କାର୍ଯ୍ୟ କରି ଶ୍ରମିକମାନଙ୍କ ଅଧିକାର, ମର୍ଯ୍ୟାଦା ଓ ସାମାଜିକ ନ୍ୟାୟକୁ ସୁଦୃଢ଼ କରିବାରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛି । ଶ୍ରମଶକ୍ତିକୁ ସସମ୍ମାନ ଜୀବନ ଦେଲେ ଅର୍ଥନୀତି ଦୁଇଗୁଣିତ ହେବ ।

## ମହାନଦୀ ଜଳ ବିବାଦ ମାମଲା : ମାର୍ଚ୍ଚ ୧୪କୁ ଘୁଂଚିଲା ଶୁଣାଣି



ଭୁବନେଶ୍ୱର, ୭/୨ (ନି/ପ୍ର): ମହାନଦୀ ଜଳ ବିବାଦ ମାମଲା। ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ଘୁଂଚିଲା ଶୁଣାଣି। ଫେବ୍ରୁଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ସ୍ପଟ୍ ଭିଜିଟ୍ ହେବ। ଟ୍ରିବ୍ୟୁନାଲ୍ ସ୍ପଟ୍ ଭିଜିଟ୍ କରି ସାରିବା ପରେ ମାର୍ଚ୍ଚ ୧୪ ତାରିଖରେ ଶୁଣାଣି ହେବ। ଏପ୍ରିଲ ୧୩ ତାରିଖରେ ଟ୍ରିବ୍ୟୁନାଲ୍ ଅବଧି ଶେଷ ହେବାକୁ ଯାଉଛି। ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲ୍ ଅବଧି ବୃଦ୍ଧି ପାଇଁ ଅନୁରୋଧ କରିସାରିଛନ୍ତି। ୨୦୨୭ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଟ୍ରିବ୍ୟୁନାଲ୍ ଅଧକ୍ଷ ପଦ ଖାଲି ଥିବାରୁ ୯ ମାସ କାର୍ଯ୍ୟ ହୋଇନଥିଲା। ଯେଉଁଥିପାଇଁ କାର୍ଯ୍ୟକ୍ରମ ବିଳମ୍ବିତ ହୋଇଛି ବୋଲି ଇଏ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ସରକାରଙ୍କ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି ପାଇଁ ଆବେଦନ ବିଳମ୍ବିତ ବୋଲି ବିଜେଡି ଅଭିଯୋଗ ଆଣିଛି। କାରଣ ପୂର୍ବରୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ସରକାରଙ୍କୁ କାର୍ଯ୍ୟକାଳ ବୃଦ୍ଧି ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଓଡ଼ିଶା ସରକାର ଠିକ୍ ସମୟରେ ଆବେଦନ କଲେ ନାହିଁ। ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଏନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ, ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ଯଦି ବିଧାନସଭାରେ କହିଥିଲେ ତେବେ ସେ ତଥ୍ୟ ସରକାର ଗୃହରେ ଉପସ୍ଥାପନ କରନ୍ତୁ । କିଏ ଆହ୍ୱାନ କଲେ ହିଁ ବିଧାନସଭାରେ ଆଲୋଚନା ହେବ ସେ ପରମ୍ପରା ନାହିଁ। ବିଧାନସଭାରେ ନିଶ୍ଚିତ ଆଲୋଚନା ହେବ। ସରକାର ବି ଓଡିଶାବାସୀଙ୍କୁ ଉତର ଦେବା ପାଇଁ ପ୍ରସ୍ତୁତ ରୁହନ୍ତୁ । ଆଜି ପର୍ଯ୍ୟନ୍ତ ଏ ପ୍ରକାର ଜଳ ବିବାଦ ଟ୍ରିବ୍ୟୁନାଲ ମାଧ୍ୟମରେ ହିଁ ସମାଧାନ ହୋଇଛି । ବିଜେଡିର ଜାଣିବାରେ ଆପୋଷ ଆଲୋଚନାରେ ସମାଧାନର କୌଣସି ଉଦାହରଣ ନାହିଁ । ତେଣୁ ଟ୍ରିବ୍ୟୁନାଲ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ସହଯୋଗ କରନ୍ତୁ ।

## ଦନ୍ତା ପାଇଁ ରାସ୍ତାରୋକ

ଖୋର୍ଦ୍ଧା,୭/୨(ନି/ପ୍ର): ହାତୀ ପାଇଁ ରାସ୍ତାରୋକ। ଦନ୍ତା ହାତୀ ଆକ୍ରମଣରେ ଆଜି ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗି ରେଞ୍ଜ ଜଂକିଆ ଥାନା ଅନ୍ତର୍ଗତ ଖଡିପଦର ଗାଁରେ। ମୃତକ ଖଡିପଦର ଗାଁର ଶଙ୍କର ରାଉତରାୟ ବୋଲି ଜଣାପଡିଛି। ଆଜି ଭୋର୍ ସମୟରେ ଶଙ୍କର ଏକ ସାଇକେଲ ଯୋଗେ ଖଡିପଦର ରାସ୍ତାରେ ଯାଉଥିବା ସମୟରେ ଦନ୍ତା ହାବୁଡରେ ପଡିଥିଲେ। ଦନ୍ତା ଶଙ୍କରକୁ ହଠାତ ଆକ୍ରମଣ କରିଥିଲା। ଦନ୍ତା ଆକ୍ରମଣରେ ଶଙ୍କରଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇଯାଇଥିଲା। । ସେପଟେ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ନୂଆ ଜଗନ୍ନାଥ ସଡକ ଅବରୋଧ କରି ପ୍ରତିବାଦ କରିଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଛି ।

## ଭୁବନେଶ୍ୱର, କଟକ, ପୁରୀ ଓ ପାରାଦ୍ୱୀପ ହେବ ଅର୍ଥନୈତିକ କରିଡର

## ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭/୨(ନି/ପ୍ର): ଭୁବନେଶ୍ୱର, କଟକ, ପୁରୀ ଓ ପାରାଦ୍ୱୀପ ଅର୍ଥନୈତିକ କରିଡର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଲୋକସେବା ଭବନ କନଭେନସନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି । ଭୁବନେଶ୍ୱର, କଟକ, ପୁରୀ ଓ ପାରାଦ୍ୱୀପ୍ ସିପିପିଇଆର ଅଧୀନରେ ଅନେକ ଗୁଡିଏ ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ । ଏହାଦ୍ୱାରା ଏହି ଅଂଚଳ ଗୁଡିକରେ ପର୍ଯ୍ୟଟନ ଭିତ୍ତିକ ସାଂସ୍କୃତିକ ଓ ଐତିହ୍ୟ ଅର୍ଥନୀତି ଭାବେ ପ୍ରୋତ୍ସାହିତ କରିବ । ଏହି ପ୍ରକଳ୍ପ ଦ୍ୱାରା ଓଡିଶା ପୂର୍ବ ଭାରତର ଏକ ପ୍ରମୁଖ ବନ୍ଦର ଭିତ୍ତିକ ଶିଳ୍ପ ଓ ଲଜିଷ୍ଟିକ୍ ହବ୍‌ରେ ପରିଣତ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ନୀତି ଆୟୋଗର ସିଇଓ ବି.ଭି.ଆର ସୁବ୍ରମଣ୍ୟମ୍ ଓ ନୀତିଆୟୋଗ ସଦସ୍ୟ ରାଜୀବ ଗୋବା ଉପସ୍ଥିତ ଅଛନ୍ତି । କଟକ, ପୁରୀ ଓ ଜଗତସିଂହପୁର ସାଂସଦ ମଧ୍ୟ ଉପସ୍ଥିତ ଅଛନ୍ତି ।

## ଯମୁନା ଏକ୍ସପ୍ରେସୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା :

### ୧୫ ଜଣଙ୍କୁ ଧକ୍କା ଦେଲା କଣ୍ଟେନର, ୬ମୃତ



ଲକ୍ଷ୍ନୌ,୭/୨: ଉତର ପ୍ରଦେଶର ମଥୁରା ଜିଲ୍ଲାର ଯମୁନା ଏକ୍ସପ୍ରେସୱେରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ପରିସ୍ରା କରିବା ପାଇଁ ବସ୍‌ରୁ ଓହ୍ଲାଇଥିବା ଯାତ୍ରୀମାନଙ୍କୁ ଏକ ଦ୍ରୁତଗାମୀ କଣ୍ଟେନର ଚାପି ଦେଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ନଅ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଚିଂ ଆହତମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରିଛି। ପୁଲିସ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ରିପୋର୍ଟ ଅନୁଯାୟୀ, ବସ୍‌ଟି ଦିଲ୍ଲୀର ନାଙ୍ଗଲୋଇରୁ କାନପୁରର ରସୁଲାବାଦକୁ ଯାତ୍ରା କରୁଥିଲା। ସୁରିର ପୁଲିସ ଷ୍ଟେସନ ଅଂଚଳର ମାଇଲଷ୍ଟୋନ୍ ୮୮ ନିକଟରେ, ଯାତ୍ରୀମାନେ ପରିସ୍ରା କରିବାକୁ ଡ୍ରାଇଭରଙ୍କୁ କହି ବସ୍ ଅଟକାଇଥିଲେ। ଡ୍ରାଇଭର ଗ୍ରୀନ୍ ଜୋନ୍‌ରେ ଅଟକିବା ପରିବର୍ତ୍ତେ ମଝି ରାସ୍ତାରେ ବସ୍ ଅଟକାଇ ଦେଇଥିଲେ। ଯାତ୍ରୀମାନେ ବସ୍‌ରୁ ଓହ୍ଲାଇବା ମାତ୍ରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ କଣ୍ଟେନର ସେମାନଙ୍କୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦୁର୍ଘଟଣା ଅତି ଭୟଙ୍କର ଥିଲା। କଣ୍ଟେନରଟି ରାସ୍ତା କଡ଼ରେ ଠିଆ ହୋଇଥିବା ଯାତ୍ରୀମାନଙ୍କୁ ଧକ୍କା ଦେବା ପରେ ଅନ୍ଧାର ଏବଂ ଦ୍ରୁତ ଗତି ଯୋଗୁ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ପୁଲିସ ସୂଚନା ଅନୁଯାୟୀ, ଦୁର୍ଘଟଣାର ଶିକାର ହୋଇଥିବା ୧୫ ଜଣ ଯାତ୍ରୀଙ୍କ ମଧ୍ୟରୁ ଘଟଣା ସ୍ଥଳରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁତର ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ସୂଚନା ପାଇବା ପରେ ସୁରିର କୋତୱାଲି ପୁଲିସ ଓ ଯମୁନା ଏକ୍ସପ୍ରେସୱେ ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରେ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ସମସ୍ତ ମୃତକଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହକୁ ପଠାଇଛି। ଘଟଣାସ୍ଥଳରେ ଆଉରିୟାର ସର୍ବ କଟରା ନିବାସୀ ସୋନୁ, ବସ୍ତିର ଆଲେୱାଲର ଦେବେଶ, କନୌଜର କେ.ଗଣେଶ, ପୂର୍ବାର ନିବାସୀ ଅସଲମ, ଦିଲ୍ଲୀର ପ୍ରେମ ନଗର ନିବାସୀ ସନ୍ତୋଷ ଓ ଅନ୍ୟ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ। ଆଉରିୟାର ବେଲା ନିବାସୀ ଅମର ଦୁବେ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଘଟଣା ସମୟରେ କୁହୁଡ଼ି ନଥିଲା ବୋଲି ସୁରିର ଇନ୍ସପେକ୍ଟର ଅଜୟ କୁମାର କହିଛନ୍ତି। କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସଡ଼କ ଦୁର୍ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି।

## ଭାରତ ପାଖରେ ରହିବ ଆମେରିକା ବଜାରର ଚାବିକାଠି



ନୂଆଦିଲ୍ଲୀ,୭/୨: ଭାରତ ଓ ଆମେରିକା ଏକ ଐତିହାସିକ ବାଣିଜ୍ୟ ଚୁକ୍ତିନାମା ପାଖକୁ ଏକ ପାଦ ଆଗକୁ ବଢାଇଛନ୍ତି। ଦୁଇ ଦେଶ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଢାଂଚା ପ୍ରକାଶ କରିଛନ୍ତି। ଯାହାର ଲକ୍ଷ୍ୟ ଶୁଳ୍କ ହ୍ରାସ କରିବା, ଶକ୍ତି ସମ୍ପର୍କକୁ ମଜବୁତ କରିବା ତଥା ଆର୍ଥିକ ସହଯୋଗକୁ ଆହୁରି ନିବିଡ଼ କରିବା। ଏହି ପଦକ୍ଷେପ ଏପରି ସମୟରେ ଆସିଛି ଯେତେବେଳେ ଉଭୟ ଦେଶ ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ପୁନର୍ଗଠିତ କରିବାକୁ ଓ ବାଣିଜ୍ୟକୁ ଅଧିକ ସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ଚୁକ୍ତିନାମାକୁ ସମସ୍ତ ଚୁକ୍ତିନାମାର ଜନନୀ ବୋଲି କୁହାଯାଉଛି। ସେହିପରି ଭାରତ-ଆମେରିକା ମଧ୍ୟରେ ହୋଇଥିବା ଏହି ବାଣିଜ୍ୟ ଚୁକ୍ତିକୁ ସମସ୍ତ ଚୁକ୍ତିର ପିତା ବୋଲି କୁହାଯାଉଛି। କାରଣ ଏହା ବିଶ୍ୱର ସର୍ବବୃହତ ଅର୍ଥନୀତି ଓ ବିଶ୍ୱର ସର୍ବବୃହତ ବଜାର ମଧ୍ୟରେ ଏକ ଚୁକ୍ତି। ଏହା ମଧ୍ୟ କୁହାଯାଉଛି ଯେ, ଆଗାମୀ ଦିନରେ ଭାରତ ପାଖରେ ଆମେରିକା ବଜାରର ଚାବିକାଠି ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବାଣିଜ୍ୟ ଚୁକ୍ତି ଉପରେ ଖୁସି ପ୍ରକାଶ କରି ଏହାକୁ ଭାରତ ଓ ଆମେରିକା ଉଭୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେବା ପରେ, ଭାରତ ମଧ୍ୟ ଆମେରିକାରୁ ଆମଦାନୀ ହେଉଥିବା କିଛି ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବା ଆରମ୍ଭ କରିବ। ଆଗାମୀ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଉପରେ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମେ ଆମର ଦୁଇ ମହାନ ରାଷ୍ଟ୍ର ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମାର ଢାଚାଂ ଉପରେ ସହମତ ହୋଇଛୁ। ଆମ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କ ପ୍ରତି ତାଙ୍କର ବ୍ୟକ୍ତିଗତ ପ୍ରତିବଦ୍ଧତା ପାଇଁ ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଉଛି। ଏହି ବାଣିଜ୍ୟ ଚୁକ୍ତିନାମା ଆମର ସହଭାଗୀତାର ବର୍ଦ୍ଧିତ ଗଭୀରତା, ବିଶ୍ୱାସ ତଥା ଗତିଶୀଳତାକୁ ପ୍ରତିଫଳିତ କରୁଛି। ଏହା ଭାରତର

### ମେକ୍ ଇନ୍ ଇଣ୍ଡିଆକୁ ମିଳିବ ପ୍ରୋତ୍ସାହନ

ପରିଶ୍ରମୀ ଚାଷୀ, ଉଦ୍ୟୋଗୀ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍ ନବସୃଜନକାରୀ, ମତ୍ସ୍ୟଜୀବୀ ତଥା ଅନ୍ୟମାନଙ୍କ ପାଇଁ ନୂତନ ସୁଯୋଗ ଖୋଲିବା ସହିତ ମେକ୍ ଇନ୍ ଇଣ୍ଡିଆକୁ ମଜବୁତ କରିବ। ଏହା ମହିଳା ଓ ଯୁବବର୍ଗମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି,ଭାରତ ଓ ଆମେରିକା ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ଢାଚାଂ ଆମର ନିବେଶ ଓ ପ୍ରଯୁକ୍ତିବିଦ୍ୟା ସହଭାଗୀତାକୁ ଆହୁରି ମଜବୁତ କରିବ। ଏହି ଢାଂଚା ନମନୀୟ ତଥା ନିର୍ଭରଯୋଗ୍ୟ ଯୋଗାଣ ଶୃଙ୍ଖଳକୁ ମଧ୍ୟ ମଜବୁତ କରି ବିଶ୍ୱ ଅଭିବୃଦ୍ଧିରେ ଯୋଗଦାନ ଦେବ। ଆମେ ଏକ ବିକଶିତ ଭାରତ ନିର୍ମାଣ କରିବା ଦିଗରେ ଅଗ୍ରସର ହେଉଥିବା ସମୟରେ, ଆମେ ଭବିଷ୍ୟତ-ମୁଖୀ ଆମର ଜନସାଧାରଣଙ୍କୁ ସଶକ୍ତ କରିବା ଓ ସହଭାଗୀ ସମୃଦ୍ଧିରେ ଯୋଗଦାନ ଦେଉଥିବା ବିଶ୍ୱ ସହଭାଗୀତା ନିର୍ମାଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ଭାରତ-ଆମେରିକା ଚୁକ୍ତିନାମାର ପ୍ରମୁଖ ସର୍ତ୍ତାବଳୀ ହେଉଛି ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ବିଭିନ୍ନ ପ୍ରକାରର ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଶୁଳ୍କ ଉଚ୍ଛେଦ କିମ୍ବା ହ୍ରାସ କରିବା। ଏଥିରେ ଶୁଖିଲା ଶସ୍ୟ, ପଶୁ ଖାଦ୍ୟ , ବାଦାମ, ତାଜା ଏବଂ ପ୍ରକ୍ରିୟାକୃତ ଫଳ, ସୋୟାବିନ୍ ତେଲ, ମଦ ଏବଂ ସ୍ପିରିଟ୍ ଏବଂ ଅନ୍ୟାନ୍ୟ ଉତ୍ପାଦ ଅନ୍ତର୍ଭୁକ୍ତ। ଆମେରିକା ଭାରତରେ ଉତ୍ପାଦିତ ସାମଗ୍ରୀ, ଯେପରିକି ବୟନ ଏବଂ ପୋଷାକ, ଚମଡା ଏବଂ ଜୋତା, ପ୍ଲାଷ୍ଟିକ୍ ଏବଂ ରବର, ଜୈବିକ ରାସାୟନିକ ପଦାର୍ଥ, ଗୃହ ସାଜସଜ୍ଜା, ହସ୍ତଶିଳ୍ପ ଉତ୍ପାଦ ଏବଂ କିଛି ଯନ୍ତ୍ରପାତି ଉପରେ ୧୮ ପ୍ରତିଶତ ଶୁଳ୍କ ଲାଗୁ କରିବ। ବିବୃତିରେ କୁହାଯାଇଛି ଯେ, ଆମେରିକା ଏବଂ ଭାରତ ତୁରନ୍ତ ଏହି ଢାଚାଂ କାର୍ଯ୍ୟକାରୀ କରିବେ ଏବଂ ସହମତ ଢାଂଚା ଅନୁସାରେ ଏକ ପାରସ୍ପରିକ ଲାଭଦାୟକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ସମାପ୍ତ କରିବା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଚୂଡ଼ାନ୍ତ କରିବା ପାଇଁ କାର୍ଯ୍ୟ କରିବେ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ରବିବାର ୮ ଫେବୃଆରୀ ୨୦୨୬**

## ହାତୀ ଚଲାପଥରେ ସାଇରନ

ବାଲି ଚୋରାଚାଲାଣ ଆଇନ କଡାକଡି ହେଉ ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ୧୨୭ ଜଣିଆ ଟିମ୍ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାଲି ମାଫିଆଙ୍କ ବାସଭବନରେ ଆତର୍କିତ ଚଢାଉ କରି ସେମାନଙ୍କ ଘର ଓ କାର୍ଯ୍ୟାଳୟରୁ କୋଟି କୋଟି ଟଙ୍କା ସହ ବହୁନାମୀ ଦାମୀ ଗାଡି, କୋଠା କରିବା ଘଟଣା ରାଜ୍ୟରେ କେବଳ ବାଲି ଲୁଟ ଘଟଣାର ପରଦା ଫାସ କରିନାହିଁ, ସେମାନଙ୍କର ଗୁମର ଖୋଲିପାରିଛି ବୋଲି କୁହାଯାଇପାରିବ । ମିଳିଥିବା ରିପୋର୍ଟ ଅନୁଯାୟୀ ଇଡି ବାଲି ମାଫିଆଙ୍କ ଘରୁ ନଗଦ ୫କୋଟିରୁ ଅଧିକ ଟଙ୍କା ଜବତ କରିଛି । ସେହିପରି ରାଜନୈତିକ ଛତ୍ରଛାୟା ତଳେ ରହି ବର୍ଷା ଯୁଆଡେ ଛତା ସିଆଡେ ନୀତି ଆପଣାଇ ସେମାନଙ୍କର କଳା ସାମ୍ରାଜ୍ୟକୁ ଅକ୍ଷୁର୍ଣ୍ଣ ରଖିପାରିଥିଲେ । ଯାହାର ପରିଣତି ସ୍ୱରୁପ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି । ଏହା ସତ୍ୟ ଯେ, ଓଡିଶାରେ ପ୍ରବାହିତ ନଦୀଗୁଡିକ କେବଳ ଜଳର ଉତ୍ସ ନୁହଁନ୍ତି, ରାଜ୍ୟ ଅର୍ଥନୀତିର ଜୀବନରେଖା ଭାବେ ପରିଚିତ । ନଦୀ ଶଯ୍ୟାର ମହଜୁଦ ଥିବା ବାଲି ଓ ଅନ୍ୟାନ୍ୟ ଲଘୁ ଖଣିଜ ସମ୍ପଦରୁ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆୟ କରିବାରେ ସମ୍ଭାବନା ରହିଥିବାବେଳେ ସବୁଠାରୁ ଚିନ୍ତାଜନକ ତଥ୍ୟ ହେଉଛି ସରକାର ମାତ୍ର ୧୫୦୦ଟଙ୍କା ରାଜସ୍ୱ ଆୟ କରିଥିବା ସରକାରୀ ରିପୋର୍ଟ କହେ । ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି, ସରକାର ଗତ ବର୍ଷ ମାତ୍ର ୬୦୦କୋଟି ଟଙ୍କାର ରାଜସ୍ୱ ଅୟ କରିବାରେ ସମର୍ଥ ହୋଇଥିଲେ । ଯାହାକି ରାଜ୍ୟରେ ବାଲି ଚୋରା ଚାଲାଣ କିପରି ଅବାଧରେ ଚାଲିଛି ଏବଂ ବାଲି ମାଫିଆ କେତେ ସକ୍ରୀୟ ଅଛନ୍ତି ତାହା ସ୍ୱଷ୍ଟ ଅନୁମାନ କରାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ, ଗଜପତି ଜିଲ୍ଲାରୁ ଆରମ୍ଭ କରି ବାଲେଶ୍ୱର ଏବଂ ପୂର୍ବ ଉପକୂଳ ଠାରୁ ଆରମ୍ଭ କରି ସୁନ୍ଦରଗଡ ତଥା ପଶ୍ଚିମାଂଚଳରେ ବେଧଡକ ଭାବେ ବାଲି ଚୋରାଚାଲାଣ ଜାରି ରହିଥିଲା । ଦ୍ରୁତ ସହରୀକରଣ ଏବଂ ଦ୍ରୁତ ଶିଳ୍ପାୟନ ଯୋଗୁଁ ନଦୀ ବାଲି ହେଉଛି ଉଭୟ ଗୃହ ଓ ଭିତିଭୂମି ନିର୍ମାଣର ମୂଳଦୁଆ କିନ୍ତୁ ଅନିୟମିତ ଖନନ ଓ ଚୋରା ଚାଲାଣ ଯୋଗୁଁ ରାଜ୍ୟ କେବଳ ରାଜସ୍ୱ ନାହାଁନ୍ତି, ବହୁ ନଦୀ ଏବେ ବାଲିଶୂନ୍ୟ ହୋଇପଡିଥିବା କୁହାଯାଉଛି । ବାଲି ପରିବର୍ତେ ନଦୀ ଗର୍ଭ ଏବେ ମାଟି, ପଙ୍କ ଏବଂ ମାଙ୍କଡା ପଥର ଖଣ୍ଡରେ ପରିଣତ । ଯାହାର ପରିଣତି ସ୍ୱରୁପ ନଦୀଗୁଡିକ ଜଳଧାରଣ କ୍ଷମତା ହରାଇବା ସହ ଭୂତଳ ଜଳସ୍ତର ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି । ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଜଗତସିଂହପୁର ଜିଲ୍ଲାରେ ଦୁଇଟି ବାଲିଘାଟରେ ୮୦ଟି ହାଓ୍ୱା ଓ ୩ଟି ପ୍ରୋକ୍ଲିନ ଜବତ ଘଟଣା ରାଜ୍ୟରେ ବାଲି ଚୋରାଚାଲାଣ କିପରି ଚାଲିଛି, ତାର ସଂକେତ ପ୍ରଦାନ କରେ । କେବଳ ଜଗତସିଂହପୁର ଜିଲ୍ଲା ନୁହେଁ, ରାଜ୍ୟର ସମସ୍ତ ଅଂଚଳରେ ନଦୀରୁ ବାଲି ଲୁଟ ବେଧଡକ ଭାବେ ଚାଲିଥିବା ନେଇ ଗଣମାଧମରେ ଶିରୋନାମା ପାଲଟିଥିବାବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ । ଆହୁରି ମଧ୍ୟ ବାଲି ମାଫିଆ ପ୍ରଶାସନିକ ଅଧିକାରୀଙ୍କୁ ମାଡ ମାରିବା, ଗାଡି ମଡାଇ ହତ୍ୟା ଉଦ୍ୟମ କରିବା, ଏପରିକି ଥାନା ପରିସରରୁ ଜବତ ବାଲି ବୋଝେଇ ଗାଡି ଛଡାଇ ନେବା ଘଟଣା ଆମ ରାଜ୍ୟରେ ବାଲି ମାଫିଆ ଦୌରାତ୍ମ୍ୟ କେତେ ତାହା ସ୍ୱଷ୍ଟ ଅନୁମାନ କରାଯାଇପାରେ । ସରକାରୀ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ୩ବର୍ଷରେ ରାଜ୍ୟରେ ବାଲି ସହ ବିଭିନ୍ନ ଲଘୁ ଖଣିଜ ସମ୍ପଦ ଲୁଟ ନେଇ ୩୩୨୦ଟି ମାମଲା ରୁଜୁ ହୋଇଥିବାବେଳେ ୧୨୭କୋଟି ଟଙ୍କାର ଜୋରିମାନା ଆଦାୟ ହୋଇଛି । ବିଭିନ୍ନ ଜିଲ୍ଲାରେ ରୁଜୁ ହୋଇଥିବା ମାମଲା, ଜବତ ହୋଇଥିବା ଗାଡି ସଂଖ୍ୟା ଓ ଜୋରିମାନା ଅର୍ଥକୁ ତର୍ଜମା କଲେ, ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦର ଲୁଟ କିପରି ଚାଲିଛି, ତା'ର ସଂକେତ ମିଳେ । ରାଜ୍ୟରେ ଲଘୁ ଖଣିଜ ସମ୍ପଦର ସୁରକ୍ଷା ତଥା ଚୋରାଚାଲାଣ ରୋକିବାକୁ ଓଡିଶା ଖଣିଜ ପଦାର୍ଥ ନିୟମାବଳୀ-୨୦୨୫ରେ ଉଭୟ ଜେଲ, ଜୋରିମାନା ସହ ବହୁ କଠୋର ବ୍ୟବସ୍ଥା ରହିଛି । ଇ-ଲଟେରୀ ବ୍ୟବସ୍ଥା, ସର୍ବାଧିକ ବିକ୍ରୟ ମୂଲ୍ୟ(ଏମଏସପି), ନିର୍ଦ୍ଧାରଣ, ବାଧ୍ୟତାମୂଳକ ଷ୍ଟୋରେଜ, ଲାଇସେନ୍ସ ଓ ଆରଏଫଆଇଡି, ଟ୍ରାକିଂ ବ୍ୟବସ୍ଥା ରହିଛି । କିନ୍ତୁ ବାଲି ଚୋରା ଚାଲାଣ, ଲଘୁଖଣିଜ ସମ୍ପଦ ଲୁଟ ରୋକିବାରେ ଏହା କେତେଦୂର ସକ୍ଷମ ହେବ, ଭବିଷ୍ୟତ କହିବ । କିନ୍ତୁ ଏହା ନିସନ୍ଦେହ ଯେ, ଦୃଢ ରାଜନୈତିକ ଇଚ୍ଛାଶକ୍ତି, ପ୍ରଶାସନିକ ସ୍ୱଚ୍ଛତା ନିରପେକ୍ଷତା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା, ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବାଲି ଲୁଟକୁ ରୋକାଯିବା ସମ୍ଭବ ହୋଇପାରିବ ।

## ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯ୍ୟାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର

ଖୋର୍ଦ୍ଧା: ଓଡ଼ିଶା ରାଜ୍ୟ ତଥା ଜିଲ୍ଲାରେ ଶିଶୁଙ୍କ କ୍ଷେତ୍ରରେ ଯୌନ ଶୋଷଣ,ବାଲ୍ୟ ବିବାହ ତଥା ସାଇବର ଅପରାଧ ଦିନକୁ ଦିନ ବଢୁଥିବା ରୁ ଜିଲ୍ଲାପାଳ ଖୋର୍ଦ୍ଧା ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଖୋର୍ଦ୍ଧା ଆନୁକୁଲ୍ୟରେ ଶୁକ୍ରବାର ବି ଜେ ବି ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯ୍ୟାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିର କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଉପରୋକ୍ତ ଶିବିର ର ଆଭିମୁଖ୍ୟ ଉପରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିବା ସହିତ ୧୪ ରୁ ୧୮ ବର୍ଷ ର ପିଲା ମାନେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି ଏବଂ ଏହାକୁ ରୋକିବ ପାଇଁ ପୋକ୍ସୋ ଆଇନ ଥିଲେ ମଧ୍ୟ ପିଲା ମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁତ ପିଲାମାନେ ଏହାର ଶିକାର ହେଉଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ଲାନ୍ ଇଣ୍ଡିଆର ଜିଲ୍ଲା ଜିଲ୍ଲା ସଂଯୋଜିକା ଅମିତା ସିଂହ ସାଇବର ଅପରାଧ କବଳରୁ ରୁ ପିଲା ମାନେ କିପରି ନିବୃତ ହେବେ ତା ଉପରେ ସଚେତନ କରାଇଥିଲେ । ଏହି ଶିବିରରେ ବିଦ୍ୟାଳୟ ର ନବମ ଶ୍ରେଣୀରୁ ୨୦୦ ରୁ ଉର୍ଦ୍ଧ ପିଲାମାନେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ପ୍ରୋବସନ ଅଧିକାରୀ ସୌମେନ୍ଦ୍ର ନାୟକ ଏବଂ ୟୁନିଟ ର ସାମାଜିକ କର୍ମୀ ତଥା ଏସ ଜେ ପି ୟୁ ର ସଭ୍ୟ ରଞ୍ଜନ କୁମାର ଗୋଛାୟତ, ରିତାଞ୍ଜଳି ଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର,ପ୍ଲାନ୍ ଇଣ୍ଡିଆ ର ସାମାଜିକ କର୍ମୀ ମଧୁସ୍ମିତା ପାତ୍ର

## ଡିଜିଟାଲ ଜନଗଣନା

ଦୀର୍ଘ ବର୍ଷ ପରେ ଭାରତର ୧୬ତମ ଜାତୀୟ ଜନଗଣନା ୨୦୨୬-୨୭ରେ ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଛି । ଏହି ଘୋଷଣା କେବଳ ଏକ ପ୍ରଶାସନିକ କାର୍ଯ୍ୟସୂଚୀ ନୁହେଁ, ବରଂ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ, କାରଣ ଏହି ଜନଗଣନା ଦୁଇଟି ଐତିହାସିକ କାରଣରୁ ସ୍ୱତନ୍ତ୍ର ହେବାକୁ ଯାଉଛି । ପ୍ରଥମତଃ, ଏହା ଭାରତର ସର୍ବପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା ହେବ, ଯାହା ତଥ୍ୟ ସଂଗ୍ରହ ଏବଂ ପ୍ରକ୍ରିୟାକରଣରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଦ୍ୱିତୀୟତଃ, ୧୯୩୧ ମସିହା ପରଠାରୁ ପ୍ରଥମ ଥର ପାଇଁ ଏଥିରେ ଏକ ବ୍ୟାପକ ଜାତିଗତ ଗଣନା ସାମିଲ କରାଯିବ । ଏହି ଦୁଇଟି ପଦକ୍ଷେପ ମିଶି ଆଗାମୀ ଦଶକ ପାଇଁ ଭାରତର ଜାତୀୟ ନୀତି, ସମ୍ବଳ ଆବଣ୍ଟନ ଏବଂ ରାଜନୈତିକ ପ୍ରତିନିଧିତ୍ୱ ଉପରେ ଏକ ଗଭୀର ଏବଂ ଅପରିହାର୍ଯ୍ୟ ପ୍ରଭାବ ପକାଇବ, ଯାହା ଦେଶର ଭବିଷ୍ୟତକୁ ଏକ ନୂତନ ଦିଗ ଦେବା ଆଶା କରାଯାଏ । ୧୮୭୨ ମସିହାରେ ଆରମ୍ଭ ହେବା ପରଠାରୁ ଭାରତୀୟ ଜନଗଣନା କେବେବି ସ୍ଥଗିତ ହୋଇନଥିଲା, ଏପରିକି ବିଶ୍ୱଯୁଦ୍ଧ ସମୟରେ ମଧ୍ୟ । କିନ୍ତୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖାଯିବା ଏକ ଅଭୂତପୂର୍ବ ଘଟଣା ଥିଲା । ଏହି ବିଳମ୍ବ ଦେଶକୁ ଏକ 'ଡାଟା ବ୍ଲାକହୋଲ୍'ରେ ପକାଇ ଦେଇଥିଲା । ଦଶନ୍ଧିର ଯୋଜନା, କଲ୍ୟାଣକାରୀ ଯୋଜନାର ହିତାଧିକାରୀ ଚିହ୍ନଟ ଏବଂ ସମ୍ବଳ ଆବଣ୍ଟନ ପାଇଁ ଗୁରୁତ୍ୱପୂର୍ଣ୍ଣ ୨୦୧୧ର ପୁରୁଣା ତଥ୍ୟ ଉପରେ ନିର୍ଭରଶୀଳତା ଶାସନକୁ ପଙ୍ଗୁ କରିବାର ଆଶଙ୍କା ସୃଷ୍ଟି କରିଥିଲା । ବର୍ତ୍ତମାନ ଏକ ନୂତନ କାର୍ଯ୍ୟସୂଚୀ ଘୋଷଣା କରାଯିବା ସହିତ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ ପୁଣିଥରେ ଟ୍ରାକକୁ ଫେରିଛି । ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଘର ତାଲିକାକରଣ ଏବଂ ଗୃହ ଗଣନା କରାଯିବ । ଜାମ୍ମୁ ଓ କାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଭଳି କିଛି ଅଂଚଳରେ ଏହି ପ୍ରକ୍ରିୟା ସେପ୍ଟେମ୍ବର ୨୦୨୬ରୁ ଆରମ୍ଭ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ଫେବ୍ରୁଆରୀ ୨୦୨୭ ଠାରୁ ମୁଖ୍ୟ ଜନସଂଖ୍ୟା ଗଣନା କାର୍ଯ୍ୟ କରାଯିବ । ୨୦୨୧ର କେନ୍ଦ୍ରୀୟ ବଜେଟରେ ଏହି ବୃହତ କାର୍ଯ୍ୟ ପାଇଁ ୩୭.୬୮ ବିଲିୟନ (ପ୍ରାୟ ୩,୭୬୮ କୋଟି ଟଙ୍କା) ଆବଣ୍ଟନ କରାଯାଇଥିଲା, ପରନ୍ତୁ ଏହା ବିଭିନ୍ନ କାରଣରୁ ରୂପାନ୍ତରିତ ହୋଇପାରିନଥିଲା । ଏହି ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବା ସହିତ ଜନଗଣନାରେ ବ୍ୟବହାର ହେବାକୁ ଥିବା ଆଧୁନିକ ଡିଜିଟାଲ୍ ପଦ୍ଧତି ଏହାକୁ ଅଧିକ ଦକ୍ଷ ଏବଂ ସମୟୋପଯୋଗୀ କରିବ ବୋଲି ଆଶା କରାଯାଉଛି । ଏହି ଆଧୁନିକୀକରଣର ମୂଳ ଲକ୍ଷ୍ୟ ହେଉଛି, ଭାରତ ଭଳି ବିଶାଳ ଦେଶର ଏହି ଜାତୀୟ କାର୍ଯ୍ୟରେ ଗତି, ସଠିକତା ଏବଂ ତଥ୍ୟ ପ୍ରକ୍ରିୟାକରଣର ଦକ୍ଷତା ବୃଦ୍ଧି କରିବା । ଏହାଦ୍ୱାରା ଫଳାଫଳ ଶୀଘ୍ର ପ୍ରକାଶ ପାଇପାରିବ ଏବଂ ନୀତି ନିର୍ଦ୍ଧାରଣରେ ତୁରନ୍ତ ସହାୟକ ହେବ । ପ୍ରଯୁକ୍ତି-ଚାଳିତ ତଥ୍ୟ ସଂଗ୍ରହ ପାଇଁ ଏକ 'ମିକ୍ସଡ ମୋଡ୍ ଆପ୍ରୋଚ୍' ବ୍ୟବହାର କରାଯିବ । ମୁଖ୍ୟତଃ, ଗଣନାକାରୀମାନେ ନିଜ ସ୍ମାର୍ଟଫୋନରେ ଥିବା ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଡିଜିଟାଲ୍ ଭାବରେ ତଥ୍ୟ ସଂଗ୍ରହ କରିବେ । ଇତିହାସରେ ପ୍ରଥମ ଥର ପାଇଁ, ନାଗରିକମାନଙ୍କୁ ଏକ ସ୍ୱତନ୍ତ୍ର ସେନ୍ସସ୍ ପୋର୍ଟାଲ ମାଧ୍ୟମରେ 'ସ୍ୱ-ଗଣନା' କରିବାର ସୁଯୋଗ ଦିଆଯିବ । ଯେଉଁମାନେ ଡିଜିଟାଲ୍ ମାଧ୍ୟମ ବ୍ୟବହାର କରିବାରେ ଅସୁବିଧା ଅନୁଭବ କରିବେ, ସେମାନଙ୍କ ପାଇଁ କାଗଜ ଫର୍ମର ବିକଳ୍ପ ମଧ୍ୟ ଉପଲବ୍ଧ ରହିବ, ଯାହାର ତଥ୍ୟକୁ ପରେ ଇଲେକଟ୍ରୋନିକ୍ ଭାବରେ ଦାଖଲ କରାଯିବ । ଦୁଇଟି ପର୍ଯ୍ୟାୟରେ ଏଥିନିମନ୍ତେ ତଥ୍ୟ ସଂଗ୍ରହ ହେବାକୁ ନିର୍ଦ୍ଧାରିତ ହୋଇଅଛି । ପ୍ରଥମ ପର୍ଯ୍ୟାୟରେ, ଗଣନାକାରୀମାନେ ପ୍ରତ୍ୟେକ ଘରକୁ ଯାଇ ୩୧ଟି ପ୍ରଶ୍ନ ପଚାରିବେ । ଏଥିରେ ଘରର ଅବସ୍ଥା, ପରିବାରର ସଦସ୍ୟ ସଂଖ୍ୟା, ଏବଂ ଉପଲବ୍ଧ ସୁବିଧା ସୁଯୋଗ ବିଷୟରେ ତଥ୍ୟ ସଂଗ୍ରହ କରାଯିବ । ଉଦାହରଣ ସ୍ୱରୂପ: ପାନୀୟ ଜଳର ଉତ୍ସ, ଶୌଚାଳୟର ସୁବିଧା, ଇଂଟରନେଟ୍ ସଂଯୋଗ, ଟିଭି, ଗାଡ଼ି, ମୋବାଇଲ ଫୋନ୍ ଭଳି ସମ୍ପତି, ଏବଂ ପରିବାରରେ ମୁଖ୍ୟତଃ କେଉଁ ଶସ୍ୟ ଖିଆଯାଏ ଇତ୍ୟାଦି । ପରନ୍ତୁ, ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ୧୧ଟି ଶ୍ରେଣୀରେ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯିବ । ଏଥିରେ ବୟସ, ବୈବାହିକ ସ୍ଥିତି, ଧର୍ମ, ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ କାର୍ଯ୍ୟକଳାପ ଏବଂ ସ୍ଥାନାନ୍ତରଣ ସ୍ଥିତି ଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ସାମିଲ ରହିବ । ଏହି ଅତ୍ୟାଧୁନିକ ପଦ୍ଧତି କେବଳ ତଥ୍ୟ ସଂଗ୍ରହକୁ ସହଜ କରିବ ନାହିଁ, ବରଂ ଏହା ସହିତ ଯୋଡ଼ି ହୋଇଥିବା ସବୁଠାରୁ ବିବାଦୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ-ଜାତିଗତ ଗଣନା ପାଇଁ ଏକ ଦୃଢ଼ ମଂଚ ପ୍ରସ୍ତୁତ କରିବ । ପ୍ରାୟ ଏକ ଶତାବ୍ଦୀର ବ୍ୟବଧାନ ପରେ, ସରକାରୀ ସ୍ତରରେ ଜାତିଗତ ଜନଗଣନାକୁ ସାମିଲ କରିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି । ଏହି ପଦକ୍ଷେପ କେବଳ ଦୀର୍ଘଦିନର ରାଜନୈତିକ ଏବଂ ସାମାଜିକ ଦାବିକୁ ସମ୍ମାନ ଦେଉନାହିଁ, ବରଂ ଏହା ଭାରତୀୟ ସମାଜର ଗଠନକୁ ଏକ ଅଧିକ ସବିଶେଷ ଏବଂ ତଥ୍ୟ-ଆଧାରିତ ଦୃଷ୍ଟିକୋଣରୁ ବୁଝିବାର ଏକ ପ୍ରୟାସ । ଏହା ଏକ ପରିବର୍ତ୍ତନକାରୀ ସାମାଜିକ ଅଡିଟ୍, ଯାହା ଦେଶର ଶକ୍ତି ସନ୍ତୁଳନକୁ ପୁନଃନିର୍ଦ୍ଧାରଣ କରିବାର କ୍ଷମତା ରଖେ । ଜାତି ଗଣନା ନିଷ୍ପତ୍ତିର ମୂଳ ଲକ୍ଷ୍ୟ ହେଉଛି, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବାହାରେ ଥିବା ଅନ୍ୟାନ୍ୟ ଜାତିସମୂହର ସାମାଜିକ, ଆର୍ଥିକ ସ୍ଥିତିକୁ ମୂଲ୍ୟାଙ୍କନ କରିବା ପାଇଁ ବାସ୍ତବିକ ତଥ୍ୟ ପ୍ରଦାନ କରିବା । ଏହା ସମାଜରେ ଥିବା ସାମାଜିକ-ଆର୍ଥିକ ଅସମାନତାର ପ୍ରକୃତ ଏବଂ ଅପ୍ରିୟ ସତ୍ୟକୁ ସାମ୍ନାକୁ ଆଣିବ । ହେଲେ, ଏପରିସ୍ଥଳେ ଏହି ତଥ୍ୟ ଭାରତର ସଂରକ୍ଷଣ ନୀତିକୁ ଗଭୀର ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି: ଏହି ତଥ୍ୟ ଅନ୍ୟ ପଛୁଆବର୍ଗ, ତଫସିଲଭୁକ୍ତ ଜାତି ଓ ଉପଜାତି ମଧ୍ୟରେ ଉପ- ବର୍ଗୀକରଣ କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ସଂରକ୍ଷଣର ଲାଭ ଅଧିକ ସମାନ ଭାବରେ ବଣ୍ଟନ କରାଯାଇପାରିବ, ଯାହା ରୋହିଣୀ କମିଶନଙ୍କର ମଧ୍ୟ ମୂଳ ଉଦ୍ଦେଶ୍ୟ ଥିଲା । ମରାଠା, ଜାଟ୍ ଏବଂ ପଟେଲ୍ ଭଳି ପ୍ରଭାବଶାଳୀ ସମ୍ପ୍ରଦାୟ ଦ୍ୱାରା କରାଯାଉଥିବା ସଂରକ୍ଷଣ ଦାବିଗୁଡ଼ିକର ନ୍ୟାୟିକ ମୂଲ୍ୟାଙ୍କନ ପାଇଁ ଏହି ତଥ୍ୟ ଏକ ବୈଜ୍ଞାନିକ ଆଧାର ପ୍ରଦାନ କରିବ । ସରକାରୀ ଚାକିରି ସଂଖ୍ୟା ହ୍ରାସ ପାଉଥିବାବେଳେ, ଏହି ତଥ୍ୟ ଘରୋଇ କ୍ଷେତ୍ରରେ ସଂରକ୍ଷଣ ପାଇଁ ଏକ ବଡ଼ ରାଜନୈତିକ ଏବଂ ଆଇନଗତ ବିତର୍କକୁ ତୀବ୍ର କରିପାରେ । ଜାତିଗତ ତଥ୍ୟ ଯେପରି ସାମାଜିକ ନ୍ୟାୟର ନୂତନ ଦିଗ ନିର୍ଣ୍ଣୟ କରିବ, ସେହିପରି ସାମଗ୍ରିକ ଜନଗଣନା ତଥ୍ୟ ଦେଶର ଶାସନ, ବିକାଶ ଏବଂ ରାଜନୈତିକ ଭବିଷ୍ୟତର ମୂଳଦୁଆ ସ୍ଥାପନ କରିବ । ଜନଗଣନା କେବଳ ଏକ ମୁଣ୍ଡ ଗଣତି ନୁହେଁ, ଏହା ଗଣତାନ୍ତ୍ରିକ ଶାସନର ମୂଳଦୁଆ । ଏଥିରୁ ମିଳୁଥିବା ତଥ୍ୟ ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ପ୍ରଭାବିତ କରୁଥିବା ରାଜନୈତିକ ପ୍ରତିନିଧିତ୍ୱ, ପାଣ୍ଠି ଆବଣ୍ଟନ ଏବଂ ବିକାଶମୂଳକ ଯୋଜନାକୁ ସିଧାସଳଖ ପ୍ରଭାବିତ କରେ । ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ପାଇଁ ଜନଗଣନା ତଥ୍ୟ ଅପରିହାର୍ଯ୍ୟ । ୨୦୨୭ ଜନଗଣନାର ତଥ୍ୟକୁ ଆଧାର କରି ପରବର୍ତ୍ତୀ ସୀମା ନିର୍ଦ୍ଧାରଣ କରାଯିବ, ଯାହା ଭାରତର ରାଜନୈତିକ ମାନଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବ । ଏହା ଏକ ବଡ଼ ରାଜନୈତିକ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ରହିଛି, କାରଣ ଉତରପ୍ରଦେଶ ଭଳି ଦ୍ରୁତ ଜନସଂଖ୍ୟା ବୃଦ୍ଧି ଘଟୁଥିବା ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକର ସଂସଦୀୟ ଆସନ ସଂଖ୍ୟା ବୃଦ୍ଧିପାଇବ, ଯେତେବେଳେ କି ତାମିଲନାଡୁ ଭଳି ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଆସନ କମିଯିବ । ପୁରାତନ ଜନଗଣନା ଯୋଗୁଁ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଭଳି ଜୀବନ ରକ୍ଷାକାରୀ କଲ୍ୟାଣକାରୀ ଯୋଜନାରୁ କୋଟି କୋଟି ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି, ଯାହା ସେମାନଙ୍କ ଜୀବନ ଏବଂ ଜୀବିକା ଉପରେ ସିଧାସଳଖ ପ୍ରଭାବ ପକାଉଛି । ଅର୍ଥ ଆୟୋଗ ଭଳି ସଂସ୍ଥାର ସୁପାରିଶକ୍ରମେ କେନ୍ଦ୍ର ସରକାରଙ୍କ ବିଶାଳ ପାଣ୍ଠି ରାଜ୍ୟମାନଙ୍କୁ ଜନସଂଖ୍ୟା ଆଧାରରେ ବଣ୍ଟନ କରିଥାନ୍ତି । ତେଣୁ ନୂତନତା ମଧ୍ୟରେ ଅନେକ ରାଜ୍ୟ ଅର୍ଥନୈତିକ ଦୃଷ୍ଟିରୁ ଲାଭବାନ ହେବା ସୁନିଶ୍ଚିତ । ଜନଗଣନାର ଏହି ବ୍ୟାପକ ଗୁରୁତ୍ୱ ସତ୍ତ୍ୱେ ଏହାକୁ ସଫଳତାର ସହ ସମ୍ପାଦନ କରିବା ଏକ ବଡ଼ ଆହ୍ୱାନ । ଏହି ଜନଗଣନା ଏକ ବିଶାଳ କାର୍ଯ୍ୟକ୍ରମ ଏବଂ ଏହାର ସଫଳ ରୂପାୟନ ପାଇଁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡ଼ିବ । ଡିଜିଟାଲ୍ ପରିବେଶରେ ତଥ୍ୟର ସଠିକତା, ସୁରକ୍ଷା ଏବଂ ସମ୍ବେଦନଶୀଳ ସୂଚନାର ଗୋପନୀୟତା ବଜାୟ ରଖିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଡିଜିଟାଲ ଭାବରେ ସଂଗୃହୀତ ତଥ୍ୟର ସଠିକତା ନିଶ୍ଚିତ କରିବା ଏବଂ ଏହାକୁ ସାଇବର ଆକ୍ରମଣରୁ ସୁରକ୍ଷିତ ରଖିବା ଏକ ବଡ଼ ଦାୟିତ୍ୱ । ଦେଶବ୍ୟାପୀ ପ୍ରାୟ ୩୦ଲକ୍ଷ ଗଣନାକାରୀ ଏବଂ ସୁପରଭାଇଜରଙ୍କୁ ତାଲିମ ଦେବା ଏବଂ ନିୟୋଜିତ କରିବା ଏକ ବିରାଟ ଲଜିଷ୍ଟିକାଲ ଆହ୍ୱାନ । ଏହି କର୍ମଚାରୀମାନେ, ଯେଉଁମାନେ ମୁଖ୍ୟତଃ ଶିକ୍ଷକ ଏବଂ ସ୍ଥାନୀୟ ଅଧିକାରୀ, ସେମାନେ ହିଁ ଏହି ବିଶାଳ ଗଣତାନ୍ତ୍ରିକ ବ୍ୟାୟାମର ମେରୁଦଣ୍ଡ । ବିଭିନ୍ନ ଆହ୍ୱାନ ସତ୍ତ୍ୱେ ୨୦୨୭ ଜନଗଣନା ଏକ ପରିବର୍ତ୍ତନକାରୀ ଜାତୀୟ ପ୍ରକଳ୍ପ । ଏହାର ଡିଜିଟାଲ୍ ସ୍ୱରୂପ ଏବଂ ଜାତିଗତ ତଥ୍ୟର ଅନ୍ତର୍ଭୁକ୍ତୀକରଣ ଆଧୁନିକ ଭାରତର ସବୁଠାରୁ ବିସ୍ତୃତ ଏବଂ ସ୍ୱଷ୍ଟ ଚିତ୍ର ପ୍ରଦାନ କରିବ । ଏହି ଗଣନା କେବଳ କିଛି ସଂଖ୍ୟା ନୁହେଁ, ବରଂ ଏହା ଭାରତର ଆଗାମୀ ଦଶକଗୁଡ଼ିକର ସାମାଜିକ-ଆର୍ଥିକ ଏବଂ ରାଜନୈତିକ ଗତିପଥକୁ ନିର୍ଦ୍ଧାରଣ କରିବ ।

## ପାଠ୍ୟ ପୁସ୍ତକରେ ରହୁ ଦୁର୍ନୀତି ଲକ୍ଷ୍ମୀଙ୍କ ଚେତନା

ଆମ ହିନ୍ଦୁ ସମାଜରେ ଧନଧାନ୍ୟ ଓ ସୁଖ ସମୃଦ୍ଧି ଲାଭ ପାଇଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଘରର ନବ ବଧୂମାନେ ହେଲେ ଗୃହଲକ୍ଷ୍ମୀ, ରାଜ ଉଆସରେ ପୂଜା ପାଉଥିବା ଦେବୀ ହେଲେ ରାଜଲକ୍ଷ୍ମୀ, ମନ୍ଦିରରେ ପୂଜା ପାଉଥିବା ଦେବୀ ହେଲେ ଶ୍ରୀଲକ୍ଷ୍ମୀ, ମହାଲକ୍ଷ୍ମୀ, କୁମାର ପୂର୍ଣ୍ଣମୀରେ ପୂଜା ପାଉଥିବା ଦେବୀ ହେଲେ ଗଜଲକ୍ଷ୍ମୀ । ଲକ୍ଷ୍ମୀଙ୍କର ଅନେକ ରୂପ ଅନେକ ନାମ ରହିଛି । ସାତ୍ତ୍ୱିକ ପୂଜା କଲେ ଲକ୍ଷ୍ମୀ ଯାହା ଦାନ କରନ୍ତି ସେଥିରେ ପରିବାରର ମଙ୍ଗଳ ହୁଏ କର୍ତ୍ତାଙ୍କର ଧନ ସଂପଦ ବୃଦ୍ଧି ଘଟେ । ଏକଦା ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା ମନ୍ତବ୍ୟ ଦେଇଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ସବୁ ଚଳିଯାଆନ୍ତା' । ତାଙ୍କ କଥାକୁ ନିରୀଖେଇ ଦେଖିଲେ ଜଣାଯାଏ କଥାଟା ବାସ୍ତବିକ ଅତ୍ୟୁକ୍ତି ନୁହେଁ । କିନ୍ତୁ ବର୍ତ୍ତମାନ ଯୁଗରେ ଆଉ ଲୋକମାନେ ଲକ୍ଷ୍ମୀଙ୍କର ସାତ୍ତ୍ୱିକ ପୂଜା ଉପାସନା କରି ଧନ ମାଗୁ ନାହାଁନ୍ତି । ଏ ସାତ୍ତ୍ୱିକ ପୂଜାର ଧନ ସାଧାରଣ ଭାବେ ଆସେ ସାଧାରଣ ଭାବେ ଖର୍ଚ୍ଚ ହୁଏ । କିନ୍ତୁ ଦୁର୍ନୀତିଗସ୍ତ ସରକାରୀ କର୍ମଚାରୀ, ରାଜନେତା ଏମାନେ ଅଳ୍ପ ଧନରେ ସନ୍ତୁଷ୍ଟ ନୁହଁନ୍ତି । ଏମାନଙ୍କର ଉପାସନାର ଦେବୀ ହେଲେ ଦୁର୍ନୀତି ଲକ୍ଷ୍ମୀ । ଏମାନେ ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସନା କରି ମାଗନ୍ତି ଟଙ୍କା ଦେ, ସୁନା ଦେ, ଭୂମି ଦେ, କୋଠା ଦେ, ଗାଡ଼ି ଦେ, ଘୋଡ଼ା ଦେ ଉଚ୍ଚପଦବୀ ଦେ । ଏମାନଙ୍କ ବ୍ୟାକୁଳତାରେ ଲକ୍ଷ୍ମୀ ମୃଦୁ ମୃଦୁ ହସନ୍ତି ଏବଂ ହାତ ଖୋଲି ଏମାନଙ୍କ କୋଳରେ ଟଙ୍କା, ସୁନା, ରୂପା, କୋଠା, ଜମି, ଗାଡ଼ି ସବୁ ଦେଇ ଦିଅନ୍ତି । ସେତେବେଳେ ଏହି ଦୁର୍ନୀତିର ଉପାସକମାନେ ଛାତି ଫୁଲେଇ, ନିଶ ଫୁଲେଇ ସେମାନଙ୍କର ପାରିବାର ପଣିଆ ଦେଖାନ୍ତି । ପିତା, ମାତା, ଭାଇ ବନ୍ଧୁ, ଶାଶୁ ଶଶୁର ସମସ୍ତେ ଚମତ୍କୃତ ହୁଅନ୍ତି କହି ବୁଲନ୍ତି ଆମ ପୁଅ ମନ୍ତ୍ରୀଙ୍କ ଡାହାଣ ହାତ ଯାହା ଚାହିଁବ ତାହା କରିପାରିବ । ସବୁ ବଡ଼ ବଡ଼ିଆ ହାତ ମୁଠାରେ, କେହି କିଛି କରିପାରିବେ ନାହିଁ । ଦୁର୍ନୀତି ଉପାର୍ଜିତ ଧନ ବଢ଼ି ବଢ଼ି ଚାଲେ । ହଠାତ୍ ଦିନେ ଭୋର ଚାରିଟା ବେଳେ ବାବୁଙ୍କ ଘର ଚାରିକଡ଼ରେ ଘେରି ଯାଆନ୍ତି ପୁଲିସ ଦଳ । କଲିଙ୍ଗ ବେଲ ବାଜିଉଠେ, ବାବୁ ବିଛଣାରୁ ଉଠି ବାହାରି ଆସନ୍ତି ଦୋତାଲର ବାଲକୋନୀ ଉପରକୁ । ପୁଲିସ ଦଳ କବାଟ ଠକ ଠକ କରନ୍ତି ସାର କବାଟ ଖୋଲନ୍ତୁ । କୋର୍ଟରୁ ୱାରଣ୍ଟ ଧରି ଆସୁଛୁ ଆପଣଙ୍କ ଘର ଖାନତଲାସ ହେବ । ବାବୁଙ୍କ ମୁହଁ କଳା କାଠ ପଡ଼ିଯାଏ । ପଳେଇ ଯିବାର ବାଟ ନାହିଁ । କବାଟ ଖୋଲିଯାଏ ପୁଲିସ ଦଳ ସବୁ ଘରକୁ ଜଗି ଯାଆନ୍ତି, ଚାଲେ ଖାନତଲାସ । ଆଲମାରି ଭିତରେ ପାଞ୍ଚ ଶହ ଟଙ୍କିଆର ନୋଟ ବିଡ଼ା ଥାକ ଥାକ ହୋଇ ଖୁନ୍ଦି ହୋଇଛି । ଆଇରନ ଚେଷ୍ଟ ଭିତରେ କିଲୋ କିଲୋ ସୁନାର ଗହଣା । ଭିଜିଲାନ୍ସ ବାଲାଙ୍କର ଆଖି ଖୋସି ହୋଇଯାଏ । ମେସିନି ଆଣି ଟଙ୍କା ଗଣାଯାଏ । କେଉଁଠି କୋଟିଏ ଭିତରତ କେଉଁଠି କୋଟି କୋଟିର ବଣ୍ଡଲ । କେବଳ ସେତିକି ନୁହେଁ ସହର ଭିତରେ ଅନେକ ପ୍ଲଟ କୋଠା, ଗାଡ଼ି ଆହୁରି ଅଚଳା ଚଳ ସମ୍ପତ୍ତିର କାଗଜପତ୍ର । କାହାର ରାଜ୍ୟ ବାହାରେ ତ କାହାର ଦେଶ ବାହାରେ ମଧ୍ୟ କୋଠା ବାଡ଼ି ଆହୁରି ମଧ୍ୟ ବ୍ୟାଙ୍କ ବାଲାନ୍ସ । ସେତିକି ବେଳେ ଲକ୍ଷ୍ମୀ ଠାକୁରାଣୀ ସେ ଘର ଛାଡ଼ି ଚାଲିଯାଆନ୍ତି । ପ୍ରବେଶ କରନ୍ତି ଅଲକ୍ଷ୍ମୀ । ସକାଳୁ ସକାଳୁ ଧରା ପଡ଼ିଥିବା ବାବୁ ମାନଙ୍କ ଫଟୋ ସହିତ ଗଣମାଧ୍ୟମରେ ବାହାରି ପଡ଼େ ବଡ଼ ବଡ଼ ଖବର । ଦୁର୍ନୀତି ଗ୍ରସ୍ତ ତହସିଲଦାରଙ୍କ ଠାରୁ ପୁଲିସ ଅଫିସର, ଇଞ୍ଜିନିୟରଙ୍କ ଠାରୁ ସିଭିଲ ସପ୍ଲାଏ ଅଫିସର, ଫରେଷ୍ଟରଙ୍କ ଠାରୁ କେଡ଼େ କେଡ଼େ ବିଭାଗର ଟାଣୁଆ ଟାଣୁଆ ଅଫିସରଙ୍କ ନାମ ହାତ କଡ଼ି ପଡ଼ି ଯାଆନ୍ତି ଜେଲକୁ । ଏହି ବାବୁମାନେ କେବଳ ନିଜେ ଲଜ୍ଜିତ ହୁଅନ୍ତି ନାହିଁ । ପିତା, ମାତା, ଶାଶୁ ଶଶୁର, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଲଜ୍ୟାରେ ବୁଡ଼ାଇ ଦିଅନ୍ତି । ସମସ୍ତଙ୍କ ମୁହଁ କଳା ପଡ଼ିଯାଏ । ଯେଉଁମାନେ ଦିନେ ତାଙ୍କୁ ମନ୍ତ୍ରୀଙ୍କ ଡାହାଣ ହାତ ବା ପାୱାରଫୁଲ ବଡ଼ ନେତା ବା ବଡ଼ ଅଫିସରଙ୍କ ପାଖ ଲୋକ ବୋଲି କହୁଥିଲେ ଏବେ କ'ଣ କହିବେ ସେ ଶବ୍ଦ ତାଙ୍କୁ ବୋଧେ ହୁଏ ମିଳୁନାହିଁ । ଦୁର୍ନୀତି କ'ଣ ଏବଂ ଏହାର କୁପ୍ରଭାବ କିଭଳି ସମାଜ ଉପରେ ପଡୁଛି ଏକଥା ପିଲାଏ ଜାଣିବା ଉଚିତ । ବାପା ଠିକ ସମୟରେ ଅଫିସ ଯାଆନ୍ତି ନାହିଁ, ଲଂଚ ବ୍ରେକରେ ଘରକୁ ଖାଇବାକୁ ଆସି ପୁଣି ୩ଟା ୪ଟା ବେଳେକୁ ଅଫିସ ଯାଆନ୍ତି । ଗୋଟେ ସରକାରୀ କାମ ପାଇଁ ବାପାଙ୍କ ପାଖକୁ ଲୋକେ ବାରମ୍ବାର ଦୌଡ଼ନ୍ତି, ଘରକୁ ବି ଆସନ୍ତି । ଟଙ୍କା ନଦେଲେ ସରକାରୀ କାମ ହୁଏନି - ଏସବୁ ଯେ ଦୁର୍ନୀତି ଅନ୍ତର୍ଭୁକ୍ତ ଏକଥା ପିଲାଏ ଜାଣିବା ଉଚିତ ପିଲାଟି ବେଳୁ । ତାହେଲେ ସେମାନେ ବାପାଙ୍କୁ ପଚାରି ପାରିବେ ଏତେ ଡେରିରେ କ'ଣ ଅଫିସ ଯାଉଛ ? ବାପାମାନେ ମଧ୍ୟ ସଚେତନ ହେବେ । ଠିକାଦାର ସଠିକ ଭାଗମାପର କଂକ୍ରିଟ ନ ଗୋଳାଇବା କାରଣରୁ ଛାତ ଭୁଶୁଡ଼ି ପଡୁଛି, କାମ ସରୁ ସରୁ ରାସ୍ତାରୁ ପିଚୁ ଉଠିଯାଉଛି । ଏଥିରେ ବିଭାଗୀୟ ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ସହଯୋଗ ରହୁଛି, ସେମାନଙ୍କ ସହଯୋଗ ବିନା ଠିକାଦାର ଏସବୁ କାମ ମୋଟେ କରିପାରନ୍ତାନି ଏସବୁ ପିଲାଏ ଜାଣିବା ଉଚିତ । ବିକାଶର ବାଧକ ଦୁର୍ନୀତି, ଏଥି ସହିତ ହତ୍ୟା, ଅପରାଧ, ଦୁଷ୍କର୍ମ, ନକଲି ଖାଦ୍ୟର ବଜାର ସୃଷ୍ଟି ହେବା ପଛରେ ବି ଦୁର୍ନୀତିର ହାତ ରହିଛି ଏକଥା କ'ଣ ପିଲାଟିଏ ଜାଣିଛି ? ସିଏ ଜାଣେ ଲାଂଚ ନେବା ହିଁ ଏକମାତ୍ର ଦୁର୍ନୀତି ପର୍ଯ୍ୟାୟଭୁକ୍ତ । ସାର ସ୍କୁଲରେ ମନଦେଇ ପଢ଼ାନ୍ତି ନାହିଁ, ଟିଉସନରେ ଖୁବ ଭଲ ପଢ଼ାନ୍ତି । ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ଯେଉଁମାନଙ୍କର ସେବା ଯୋଗାନ୍ତି ତାଠାରୁ ଉନ୍ନତମାନର ସେବା ଘରୋଇ ହସ୍ପିଟାଲ ଏବଂ ନର୍ସିଂହୋମରେ ସେଇ ଡାକ୍ତର ଯୋଗାଇଥାନ୍ତି - ଏସବୁ ଯେ ଦୁର୍ନୀତିଏକଥା ପିଲାଟି ଜାଣୁ । ନେତାମାନେ ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦେଇଥାନ୍ତି ତା'ର ଖିଲାପ ଯେ ଦୁର୍ନୀତି ଏସବୁ କ'ଣ ପିଲାଏ ଜାଣିଛନ୍ତି ? ସେମାନେ ଦୁର୍ନୀତିକୁ ଘୃଣା କରନ୍ତୁ ପିଲାଟି ଦିନୁ । ଏହାର ପ୍ରଭାବ ସେମାନେ ବଡ଼ ହୋଇ ଚାକିରି କରିବା ସମୟରେ ନିଶ୍ଚେ ପଡ଼ିବ ଏବଂ ସମାଜରେ ସୁଧାର ଆସିବ ବୋଲି ଆମେ ଆଶା କରିପାରିବା । ପ୍ରତିଦିନ ଦୁର୍ନୀତି ଜାଲରେ ପଡୁଥିବା ସରକାରୀ ବାବୁମାନଙ୍କ ଭିତରେ ଯେ ଯୁବ ଅଧିକାରୀଙ୍କ ସଂଖ୍ୟା ଅଧିକ ଏହାକୁ ଏଡ଼ାଇ ଦେଇହେବ ନାହିଁ । ଯୁବକମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ହେଉଛନ୍ତି । ଏମାନେ ସ୍କୁଲରେ ପଢ଼ିବା ବେଳେ ଦୁର୍ନୀତି ସମ୍ପର୍କିତ କୌଣସି ପାଠ୍ୟକ୍ରମ ଥିଲା କି ? ନଥିଲା । ତେଣୁ ଏ ନୂଆ ବିଷୟଟିକୁ ପରୀକ୍ଷାମୂଳକ ଭାବରେ ଯୋଡ଼ାଗଲେ କ୍ଷତି କ'ଣ ? ଦେଖାଯାଉ ଏହାର ପ୍ରଭାବ କ'ଣ ପଡୁଛି ? ଶିକ୍ଷା ଉପରେ ତ ନୂଆ ନୂଆ ଗବେଷଣା ଚାଲିଛି । ଏତେ କଥା କହିବାର ଅସଲ ଉଦ୍ଦେଶ୍ୟଟି ହେଲା ବିଦ୍ୟାଳୟ ସ୍ତରୀୟ ଶିକ୍ଷା ପାଠ୍ୟକ୍ରମର ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି । ସେ କହିଛନ୍ତି ୨୦୨୬-୨୭ ଶିକ୍ଷା ବର୍ଷରୁ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଏହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢ଼ାଚାଂ ଉପରେ ଆଧାରିତ ହେବ । ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ବିଷୟ ଯଥା - କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ ହେଉଛି । ଏଥିରେ ଦୁର୍ନୀତିର କୁପ୍ରଭାବକୁ ମଧ୍ୟ ଯୋଡ଼ାଗଲେ ସମାଜରେ ଅନେକେ ସୁଧାର ଆସିପାରନ୍ତା ବୋଧେ । ହେ ଦୁର୍ନୀତି ଗ୍ରସ୍ତ ବାବୁମାନେ ତୁମେ ଯେଉଁ ଧନ ଚୋରୀ କରିଛ ସେ ଧନ ସରକାରଙ୍କର ନୁହେଁ । ସେ ଟଙ୍କା ହେଉଛି ସାଧାରଣ ଲୋକଙ୍କ ଟ୍ୟାକ୍ସ ଟଙ୍କା । ସାଧାରଣ ଲୋକଙ୍କ ଟଙ୍କାକୁ ଚୋରୀ କରି ତୁମ ବଡ଼ ଲୋକ ହେବାର ଯେଉଁ ସ୍ୱପ୍ନ ଦେଖୁଛ ତାହା ସଫଳ ହେବନାହିଁ । ଟଙ୍କା ପଇସା ଯିବ, ସୁନା ରୂପା, ଗହଣା ଯିବ ତୁମର ପେନସନ ବନ୍ଦ ହେବ ଶେଷରେ ପାଂଚ ବର୍ଷ କି ଦଶ ବର୍ଷ ଜେଲ ଭୋଗିବ । ତୁମର ଏହି ପାପ କର୍ମ ପାଇଁ ତୁମର ବଂଶଧର ମାନେ ନିନ୍ଦିତ ହେବେ, ଅପମାନିତ ହେବେ । ତୁମର ପୁଅ ଝିଅମାନେ ପାଠ ପଢ଼ି ଚାକିରି କଲାବେଳେ ଲୋକେ କହିବେ ବାପ ଚୋରୀ କରି ଜେଲ ଯାଇଥିଲା, ପିଲାମାନେ ଭଲ ହେବେ କେମିତି ? ଏହି ଅପବାଦ ତୁମ ବଂଶାନୁକ୍ରମିକ ପିଲାମାନଙ୍କ ଉପରେ ଲାଗି ରହିବ । ତୁମେ ନିଜେ ରକ୍ତଚାପ, କ୍ୟାନସର, ବିଭିନ୍ନ ରୋଗ ଓ ମାନସିକ ଚାପର ବିଭିନ୍ନ ବ୍ୟାଧି ପୀଡ଼ିତ ହୋଇ ବିଛଣାରେ ଛଟପଟ ହେବ । ତେଣୁ ହେ ଦୁର୍ନୀତିଗ୍ରସ୍ତ ବାବୁମାନେ ଏବେ ଠାରୁ ସାବଧାନ ରୁହ । ଯେତିକି ପାଇଛ ସେତିକିରେ ସନ୍ତୁଷ୍ଟ ରୁହ ନହେଲେ ଭବିଷ୍ୟତରେ କଲବଲ ଜୀବନ ଭୋଗ କରିବ ।

## ତୁଙ୍ଗ ତାଳ ଓ ବାୟାବଧୂର ବସା

ଓଡ଼ିଶାର କୃଷିଭିତିକ ଗଣପର୍ବ ରଜରେ ଛୁଟି କେତେଦିନ କଟେଇବା ପାଇଁ ସୁରଞ୍ଜନ ବାବୁ ଗାଁକୁ ବାହାରିଲେ । ବୃତ୍ତିଗତ ଜୀବନରେ କାର୍ଯ୍ୟବ୍ୟସ୍ତତା ହେତୁ ଅନେକ ଦିନ ହେଲା ସେ ଗାଁକୁ ଯାଇ ନ ଥିଲେ । ଯେଉଁ ଗାଁ ମୁଣ୍ଡରେ ତୀଖ ତାଳଗଛ ଓ ବୁଢ଼ା ବରଗଛଟି ମୁଖଶାଳା ହୋଇ ଶୋଭା ପାଉଥିଲା ଓ ଯେଉଁ ବର ଡାଳରେ ଡାଳମାଙ୍କୁଡ଼ି ଖେଳି ଓ ତୁଠ ପାଣି ଗୋଳିଆ କରି ସେ ମାଇପି ତୁଣ୍ଡରୁ ଅନେକ ଥର ଗାଳି ଖାଇଥିଲେ, ଏବେ ସେ ଗାଁ ମୁଣ୍ଡ, କେତୋଟି ଶୀର୍ଣ୍ଣ ତାଳଗଛକୁ ଛାଡ଼ିଦେଲେ ପ୍ରାୟ ବୃକ୍ଷଶୂନ୍ୟ । ସୁରଞ୍ଜନ ବାବୁ ତାଙ୍କ ଆଦ୍ୟ ଯୌବନରେ ଏଇ ତାଳଗଛରେ ଝୁଲିଥିବା ବାଇଚଢ଼େଇର ବସା, ମା' ଚଢ଼େଇର ଆହାର ଦେବାର ଦୃଶ୍ୟ ଓ କୁନି ଶାବକର କିଚିରିମିଚିରି ଶୁଣି ତାଙ୍କର ମନେ ପଡୁଥିଲା 'ଗ୍ରାମପଥ'ର କବିତା ଧାଡ଼ିଏ- 'ଦୂର ତାଳବଣ ଆକାଶେ ଶୁଣାଏ ମାଟିର କବିତା କି ସେ' । ଏଇ ଡେଙ୍ଗା ତାଳ ଗଛକୁ ନେଇ ସୁରଞ୍ଜନ ବାବୁ ପିଲାଦିନେ ତାଙ୍କ ବୋଉ ମୁହଁରୁ ଅନେକ ଢଗଢମାଳି ଶୁଣି ଆମୋଦିତ ହେଉଥିଲେ, ଯେମିତି 'ମୁଣ୍ଡରେ ତାଳ ପଡ଼ିଲା', 'ବାପ ଖାଉଛି ତାଳ, ପୁଅକୁ ହେଉଛି କାଳ', 'ତଳ ବରଡ଼ା ଖସୁଛି, ଉପର ବରଡ଼ା ହସୁଛି, ମଝି ବରଡ଼ା ଥାଇ କହୁଛି ତୋ ବେଳକାଳ ଆସୁଛି' । ଶେଷୋକ୍ତ କଥନିକାଟି କିଏ ଲେଖିଥିଲେ ବୋଉ ତାଙ୍କର କହିପାରୁ ନ ଥିଲା, ମାତ୍ର ମୃତ୍ୟୁ ଯେ ଆଗପଛ ହୋଇ ସମସ୍ତଙ୍କ ଜୀବନରେ ଆସିବ- ଏ କଥା ସେ ସୁନ୍ଦର ଭାବରେ ବୁଝେଇ ଦେଉଥିଲା । ଏପ୍ରିଲ୍-ମଇ ମାସର ମୁହଁଜଳା ଖରା ବେଳେ ମିଠା ତାଳସଜ, ପାଚିଲା ତାଳ ତାଙ୍କର ଭାରି ପ୍ରିୟ ଥିଲା । 'ଡେଙ୍ଗା ମୁଣ୍ଡରେ ଠେଙ୍ଗା' ନ୍ୟାୟରେ ବଜ୍ରପାତ ହେଲେ ପ୍ରଥମେ ତାଳଗଛକୁ ମାରେ । ସେଥିପାଇଁ ଓଡ଼ିଶା ଭଳି ଏକ ବିପର୍ଯ୍ୟୟପ୍ରବଣ ରାଜ୍ୟରେ ଆମର ଚାଷୀଭାଇମାନେ ଗାଁଠୁ ଦୂରରେ ସେମାନଙ୍କ ବିଲ ହିଡ଼ରେ ତାଳ ଗଛ ଲଗାଉଥିଲେ । ତାଳ ଗଛ କେବଳ ବଜ୍ରପାତରୁ ରକ୍ଷା କରେନାହିଁ, ଭୂତଳ ଜଳ ସଂରକ୍ଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ମାତ୍ର ଆଧୁନିକ ମଣିଷର ଅତ୍ୟଧିକ ଲୋଭ, ଅମାନବୀୟ କାର୍ଯ୍ୟକଳାପ, ଆଧୁନିକ ଜୀବନଶୈଳୀ, ରାସ୍ତା ପ୍ରଶସ୍ତୀକରଣ ନାଁରେ ଅବାଧ ଗଛକଟା, କୋଠାବାଡ଼ି ଓ କଳକାରଖାନା ନିର୍ମାଣ ଯୋଗୁଁ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ସହିତ ସାମୁଦ୍ରିକ ଅଂଚଳରେ ମଧୁର ଜଳର ଉପଲବ୍ ?ଧତା କଷ୍ଟକର ଅନୁଭୂତ ହେଲାଣି । ବଜ୍ରପାତଜନିତ ମୃତ୍ୟୁ ପରିସଂଖ୍ୟାନକୁ ନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିସନଙ୍କ ସଦ୍ୟ ପ୍ରକାଶିତ 'ଆନୁଆଲ୍ ରିପୋର୍ଟ ଅନ୍ ନାଚୁରାଲ୍ କାଲାମିଟିଜ୍' ଅନୁଯାୟୀ ୨୦୨୨-୨୩ରେ ରାଜ୍ୟରେ ବଜ୍ରପାତରେ ମୋଟ ୨୯୧ ଜଣଙ୍କର ମୃତ୍ୟୁ ହୋଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ୨୦୨୧ରେ ବଜ୍ରପାତରେ ଭାରତରେ ୨,୮୮୦ ଜଣଙ୍କର ମୃତ୍ୟୁ ଘଟିଥିଲା, ଯାହା ପ୍ରାକୃତିକ ଶକ୍ତି ଦ୍ୱାରା ଘଟିଥିବା ସମସ୍ତ ଦୁର୍ଘଟଣାର ୪୦ ଶତାଂଶ । ୨୦୨୨-୨୩ ମସିହାରେ ଓଡ଼ିଶାରେ ୬,୦୨,୯୩୮ ଥର ମେଘରୁ ଭୂପୃଷ୍ଠକୁ ବଜ୍ରପାତ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ପୂର୍ବତଟ ରେଳବାଇ ଆନ୍ତଃବିଭାଗୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ :

## କ୍ରିକେଟରେ ଅପରେଟିଂ ଦଳ ଚାମ୍ପିଅନ ଏବଂ ଭଲିବଲରେ ବାଣିଜ୍ୟିକ ଦଳ ଚାମ୍ପିଅନ




ସମ୍ବଲପୁର, ୭/୨(ନି/ପ୍ର):ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ, ସମ୍ବଲପୁର ସମ୍ବଲପୁରର ରେଳ ନଗରସ୍ଥିତ ରେଳବାଇ ଷ୍ଟାଡିୟମ ପରିସରରେ ଆନ୍ତଃବିଭାଗୀୟ କ୍ରୀଡା ପ୍ରତିଯୋଗିତା-୨୦୨୫ ସଫଳତାର ସହ ସମାପ୍ତ କରିଛି । ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗର ଦଳଗୁଡ଼ିକ ଏହି ବହୁବିଧ କ୍ରୀଡା କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ସମାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଯୋଗ ଦେଇଥିଲେ । ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧ୍ୟକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଭିନ୍ନ ଇଭେଣ୍ଟର ବିଜେତା ଏବଂ ଉପବିଜେତାଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନେ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ । ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତାରେ, ଇଞ୍ଜିନିୟରିଂ ଏବଂ ଅପରେଟିଂ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଇଞ୍ଜିନିୟରିଂ ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ ୱିକେଟ୍ ହରାଇ ୧୫୭ ରନ୍ କରିଥିଲା । ଜବାବରେ, ଅପରେଟିଂ ଦଳ ଲକ୍ଷ୍ୟକୁ ସଫଳତାର ସହ ପିଛା କରି ୧୩.୪ ଓଭରରେ ୬ ୱିକେଟ୍ ହରାଇ ୧୫୮ ରନ୍ କରିଥିଲା ଏବଂ ଫାଇନାଲ୍ ମ୍ୟାଚ୍ ୪ ୱିକେଟ୍ ରେ ଜିତିଥିଲା । ଅପରେଟିଂ ଦଳର ଜ୍ଞାନରଞ୍ଜନଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି, ସିରିଜର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଏବଂ ସିରିଜ୍ ର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା ଏବଂ ଇଞ୍ଜିନିୟରିଂ ଦଳର ଦିଲୀପ ଭୋଇଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ବୋଲର ଭାବରେ ପୁରସ୍କୃତ କରାଯାଇଥିଲା । ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ, ଆରପିଏଫ୍ ଏବଂ ବାଣିଜ୍ୟିକ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ବାଣିଜ୍ୟିକ ଦଳ ୩-୦ ରେ ବିଜୟୀ ହୋଇଥିଲା । ବାଣିଜ୍ୟିକ ଦଳର ଶ୍ରୀ ରବିଙ୍କୁ ଶ୍ରେଷ୍ଠ ଆଟାକର, ଆରପିଏଫ୍ ର ଚନ୍ଦନ ପ୍ରଧାନଙ୍କୁ ଶ୍ରେଷ୍ଠ ଅଲ୍-ରାଉଣ୍ଡର ଏବଂ ବାଣିଜ୍ୟିକ ଦଳର ସବୁଜ ପ୍ରଧାନଙ୍କୁ ଶ୍ରେଷ୍ଠ ସେଟର୍ ପୁରସ୍କାର ମିଳିଥିଲା । ଲନ୍ ଟେନିସ୍ (ଡବଲ୍ସ)ରେ, ଅଖିଳେଶ ତ୍ରିପାଠି ଏବଂ ମହେନ୍ଦ୍ର ପାଲ ସିଂହ ଫାଇନାଲରେ ତତ୍ତ୍ୱଦର୍ଶୀ ସାହୁ ଏବଂ ଶରତ କୁମାର ବୁଡାଙ୍କୁ ପରାସ୍ତ କରିଥିଲେ । ବ୍ୟାଡମିଂଟନ (ଡବଲ୍ସ)ରେ, ଅତନୁ ଚକ୍ରବର୍ତୀ ଏବଂ ପ୍ରବୋଧ ପଣ୍ଡା ଫାଇନାଲ ମ୍ୟାଚ ଜିତିଥିଲେ । ପୁରୁଷ ଟେବୁଲ ଟେନିସ୍ (ସିଙ୍ଗଲ୍ସ) ରେ, ମହେନ୍ଦ୍ର ପାଲ ସିଂହ ଟାଇଟଲ ଜିତିଥିଲେ । ମହିଳା କଲ୍ୟାଣ ସଂଗଠନର ବ୍ୟାଡମିଂଟନ (ଡବଲ୍ସ) ରେ, ନିରଜା ମହାପାତ୍ର ଏବଂ ବିଜୟଲକ୍ଷ୍ମୀ ମେହେର ବିଜେତା ହୋଇଥିଲେ । ମହିଳା କର୍ମଚାରୀଙ୍କ ସ୍ୱତନ୍ତ୍ର ଇଭେଣ୍ଟରେ ସୌଭାଗ୍ୟ ସେନାପତି ବେଲୁନ ଏବଂ କପ୍ ଇଭେଣ୍ଟରେ ପ୍ରଥମ ସ୍ଥାନ ମାରିଆ କୁଜୁର ଅବଜେକ୍ଟ ଡିଟେକ୍ଟିଂ ଇଭେଣ୍ଟରେ ବିଜୟୀ ହୋଇଥିଲେ, ଏବଂ ସତାକ୍ଷୀ ସିହ୍ନା ପଜଲ୍ ସଲଭିଙ୍ଗ ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଥିଲେ ।

# ରୋଟାରୀ ଡିଷ୍ଟ୍ରିକ୍ଟ ଅଧ୍ୟକ୍ଷ ଓ ସଚିବଙ୍କ ଜ୍ଞାନାର୍ଜନ ସମ୍ମିଳନୀ

ସମ୍ବଲପୁର,୭/୨(ନି/ପ୍ର): ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୧ର ନିର୍ବାଚିତ ଅଧ୍ୟକ୍ଷ ଓ ସଚିବମାନଙ୍କ ଶିକ୍ଷଣ ସମ୍ମାନ 'ଜ୍ଞାନାର୍ଜନ' ସମ୍ମିଳନୀ ସମ୍ବଲପୁର ସ୍ଥିତ ରାମ ଗୋବିନ୍ଦ ଏକରେଜ୍, ବ୍ୟାଙ୍କୁଏଟ୍ ଏଣ୍ଡ ଲନ୍ସରେ ଟିମ୍ ଓଜସ୍ୱୀଙ୍କ ଆନୁକୂଲ୍ୟରେ ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଦ୍ୱାରା ଆୟୋଜିତ ହୋଇଯାଇଛି । ସେମିନାରର ଉଦ୍ଦେଶ୍ୟ ଆଗାମୀ ବର୍ଷରେ ରୋଟାରୀ ସେବାକୁ କିପରି ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ନେତୃତ୍ୱ, କୌଶଳ ବିକାଶ, ଜ୍ଞାନ ବୃଦ୍ଧି ଓ ସେବାମୂଳକ କାର୍ଯ୍ୟ । ଏହି ପ୍ରସ୍ତୁତି ସମ୍ମାନରେ ପଶ୍ଚିମ ଓଡ଼ିଶାର ନିର୍ବାଚିତ ଅଧ୍ୟକ୍ଷ ଓ ସଚିବ ଅଂଶଗ୍ରହଣ କରିଥିଲେ । ଆୟୋଜକ ତଥା କ୍ଲବ୍‌ର ଅଧ୍ୟକ୍ଷ ରଶ୍ମୀ ରଞ୍ଜନ ମହାପାତ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ । ପିଡିଜି ଏଫ୍.ସି. ମହାନ୍ତି (ଡିଏଲଏଫ୍) ଅଂଶ ଗ୍ରହଣକାରୀ ମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଡିଜିଇ ଆଲମ୍ ସିଂହ ରୂପ୍ରା ୨୦୨୬-୨୭ ପାଇଁ ରୋଟାରୀ ଆନ୍ତର୍ଜାତିକ ଅଧ୍ୟକ୍ଷଙ୍କ ଦୃଷ୍ଟିକୋଣ ସହ ଜିଲ୍ଲାର ଭିଜନ୍ ଉପସ୍ଥାପନ କରିଥିଲେ । ପିଡିଜି ପ୍ରମୋଦ ରଥ କ୍ଲବ୍ ସୁଦୃଢ଼ୀକରଣ ଓ ଜିଲ୍ଲାରେ ସଫଳତାର ଅବଦାନ ବିଷୟ ଏବଂ ହରଜିତ୍ ସିଂହ ହୁରା ମାନବିକ ସେବା ଓ ପ୍ରଭାବଶାଳୀ ପ୍ରକଳ୍ପ ମାଧ୍ୟମରେ ସାର୍ବଜନୀନ ଛବି ବୃଦ୍ଧି ଉପରେ ଆଲୋକପାତ କରିଥିଲେ । ଡିଏସଜି (୨୦୨୬-୨୭) ରୋଟେରିୟନ୍ ଅଜୟ ଅଗରୱାଲ୍ ' ମାଇଁ ରୋଟାରୀ' ସଂପର୍କିତ ବିଭିନ୍ନ ପ୍ରକ୍ରିୟା ଉପରେ ଅନଲାଇନ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପିଡିଜି ଏଫ୍.ସି. ମହାନ୍ତି, ରୋଟେରିୟନ୍ ହରପାଲ୍ ରୂପ୍ରା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଜୟଲକ୍ଷ୍ମୀ ମିଶ୍ର ସଂଯୋଜନା କରିଥିବା ବେଳେ ସମ୍ମାନ ଅଧ୍ୟକ୍ଷ ତଥା ପିପି ସନ୍ତୋଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ ହାଟପଦା ପଡ଼ାରେ ଗୋଷ୍ଠୀ ସଂଘର୍ଷ, ୨ ମୃତ



ବରଗଡ଼ ,୭/୨(ନି/ପ୍ର): ବରଗଡ଼ ହାଟପଦା ସାଇମନ୍ଦିର ପାଖରେ ଗୋଷ୍ଠୀ ସଂଘର୍ଷରେ ଦୁଇଜଣଙ୍କର ମୃତ୍ୟୁ ହୋଇଯାଇଛି । କୌଣସି ଏକ ଘଟଣାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ସଂଘର୍ଷ ହୋଇଥିଲା । ଭୁଜାଲି ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଛି । ଦୁଇ ମୃତକ ହେଉଛନ୍ତି ପ୍ରଦୀପ ଲୁହା ଓ ସୁରଜ ବାରିକ । ସୂଚନା ଅନୁସାରେ କଲେଜ ରୋଡ୍‌ରେ ରହୁଥିବା ପ୍ରଦୀପ ଲୁହା (୨୪ ବର୍ଷ) ଓ ସୁରଜଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଗୁରୁବାର ରାତି ସାଢ଼େ ୯ଟାରେ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପଠାଇଥିଲେ । ସେମାନଙ୍କ ମୁଣ୍ଡ, ବେକ ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା । ଏବେ ଟାଉନ ଥାନା ପୁଲିସ କିଏ ଭୁଜାଲିରୁ ଆକ୍ରମଣ କରିଛି ତାକୁ ନେଇ ତଦନ୍ତ ଆରମ୍ଭ କରିଛି ।




ରୋଟାରୀ ଡ଼ିଷ୍ଟ୍ରିକ୍ଟ ୩୨୬୧-ର "ସ୍ପର୍ଦ୍ଧା" କାର୍ଯ୍ୟକ୍ରମ ଅଧୀନରେ ରୋଟାରୀ କ୍ଲବ ସମ୍ବଲପୁର ଗ୍ରେଟର ଆନୁକୂଲ୍ୟରେ ବାଳିକା କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ

# ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ବଲାଙ୍ଗୀରର ଜରୁରୀ ବୈଠକ

ବଲାଙ୍ଗୀର,୭/୨(ନି/ପ୍ର): ଓଡ଼ିଶା ସରକାରୀ ହାଇସ୍କୁଲରେ ଏନ୍‌ପିଏସ୍ ଶିକ୍ଷକମାନଙ୍କ ଦୀର୍ଘଦିନ ଧରି ସରକାରଙ୍କୁ ଦାବି ଜଣାଇ ଆସୁଥିଲେ ମଧ୍ୟ ସରକାର ନିଦାବିଷ୍ଟ ହୋଇ ଶୁଣୁ ନାହାନ୍ତି ତେଣୁ ବଲାଙ୍ଗୀର ଜିଲ୍ଲାର ଏନ୍‌ପିଏସ୍ ଶିକ୍ଷକମାନେ ଏ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଅସହଯୋଗ ତଥା ପରୀକ୍ଷା ସମୟରେ ଆନ୍ଦୋଳନରେ ଯିବାକୁ ନିଷ୍ପତି ନେଇଛନ୍ତି । ବାରମ୍ବାର ସରକାରଙ୍କ ଦୃଷ୍ଟିକୁ ଆମ ଦାବି ଆଣିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଓ ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସରକାର ୨୦୨୨ ମସିହା ଅକ୍ଟୋବର ମାସରେ କଂଟ୍ରାଚୁଏଲ ରିଏପିଲ ରୁଲ ୨୦୨୨ ଆଣିଲେ ଓ ସମଗ୍ର ରାଜ୍ୟରୁ ଚୁକ୍ତିଭିତିକ ଚାକିରି ଯୁଗର ଅବସାନ ହେଲା ବୋଲି ଘୋଷଣା କଲେ । ମାତ୍ର ରୁଲରେ ଅନେକ ଅସଙ୍ଗତି ଥିବା କଥା ସରକାର ସ୍ୱୀକାର କରୁଥିବାବେଳେ ଅସଙ୍ଗତି ଦୂର ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ୨୦୦୪ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷକମାନଙ୍କ ୬ ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରିରେ ଗଣନା ତଥା ୬ ନୋସନାଲ ଇନକ୍ରିମେଂଟ ପ୍ରଦାନ ଦାବିକୁ ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ସରକାରଙ୍କ ଦୃଷ୍ଟିକୁ ଆଣିବା ପରେ ଏ ବିଷୟରେ ବହୁବାର ଆଲୋଚନା ହୋଇଛି ମାତ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ୨୦୨୫ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ସଂଘର ଆନ୍ଦୋଳନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସହ ଆଲୋଚନା ସମୟରେ ସରକାର ନିର୍ଭର ପ୍ରତିଶୃତି ଦେଇ ଆନ୍ଦୋଳନରୁ ବିରତ ରହିବାକୁ ନିବେଦନ କଲେ କିନ୍ତୁ ଆଲୋଚନା ଆଲୋଚନାରେ ହିଁ ରହିଗଲା । ସରକାର ପ୍ରତିଶୃତି ପୂରଣ ପାଇଁ ପଦକ୍ଷେପ ଗ୍ରହଣ କଲେ ନାହିଁ । ତତ୍କାଳୀନ ଶିକ୍ଷା ସଚିବ ସାଲିନ ପଣ୍ଡିତ, ରାଜ୍ୟ ସଂଘ ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକିଥିଲା ଓ ଆମ ସଂଘର ଦାବିପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚ ସ୍ତରୀୟ କମିଟିର ଚେୟାରମେନ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ ତଥା ଅନ୍ୟ ସଦସ୍ୟଙ୍କୁ ଗତ ୨୨ ତାରିଖରେ ଭେଟି ରାଜ୍ୟ ସଂଘ ସଭାପତି ତଥା ଅନ୍ୟ କର୍ମକର୍ତ୍ତା ୨୦୨୨ ରିଏପିଲ ରୁଲ୍‌ରେ ଥିବା ଅସଙ୍ଗତି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ଓ ସଂଘ ଦର୍ଶାଇଥିଲେ ଯେ ୨୦୧୩ ପରେ ନିଯୁକ୍ତ ଶିକ୍ଷକମାନଙ୍କର ୬ ବର୍ଷର ଚୁକ୍ତି ଅବଧି ମୂଳ ଚାକିରିରେ ଗଣନା ହୋଇ ୬ ନେସନାଲ ପ୍ରଦାନ କରିବା କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହେଲେ । ଆମ ସମସ୍ୟାକୁ ସବୁ ସ୍ତରରେ ଯୁକ୍ତିଯୁକ୍ତ ବୋଲି ଗ୍ରହଣ କରାଗଲେ ମଧ୍ୟ ଏ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଗଣଶିକ୍ଷା ମନ୍ତ୍ରୀଙ୍କୁ ସଂଘ ତରଫରୁ ବାରମ୍ବାର ଭେଟି ସମସ୍ୟା ବିଷୟରେ ଅବଗତ କରାଯାଇଛି ମାତ୍ର କେବଳ ସମୟ ନେଇ କିଛି କାମ କରାଯାଇ ନାହିଁ । ସରକାରଙ୍କ ତରଫରୁ ୨୦୨୨ ଅକ୍ଟୋବର ମାସରୁ କେବଳ ଆଶ୍ୱାସନା ଦେଇ ଆନ୍ଦୋଳନରୁ ବିରତ ରହିବାକୁ ନିବେଦନ କରାଯାଉଛି । ଦୀର୍ଘ ୩ ବର୍ଷରୁ ଅଧିକ ସମୟ ଧରି ବାରମ୍ବାର ସରକାରଙ୍କ ଦୃଷ୍ଟିକୁ ଆଣିବା ପରେ କେବଳ ଆଶ୍ୱାସନା ଦେଇ ଭଣ୍ଡାଇ ଦେବାକୁ ଚେଷ୍ଟା କରାଯାଇଛି । ତେଣୁ ଆଉ ଆଶ୍ୱାସନାରେ ବିଶ୍ୱାସ ନକରି ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଅସହଯୋଗ ନୀତିକୁ ଆପଣେଇ ବାକୁ ସଂଘ ବାଧ୍ୟ ହେଉଛି ଓ ହେଉଛି ଓ ଆଗାମୀ ବିଧାନସଭା ସମୟରେ ଆନ୍ଦୋଳନ କରିବା ପାଇଁ ଫେବୃଆରୀ ୫ ତାରିଖ ସନ୍ଧ୍ୟାରେ ବଲାଙ୍ଗୀର ଜିଲ୍ଲା ଏନ୍‌ପିଏସ୍ ଶିକ୍ଷକମାନେ ନିଷ୍ପତି ନେଲେ ଓ ଆଗାମୀ ରାଜ୍ୟ ସଂଘର ନିଷ୍ପତି କ୍ରମେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ।

# ଧାନ କିଣାବିକାରେ କଟନି ଛଟନି ଓ ମିଲର ଉପରେ ନଜର ରଖିବାକୁ ଆଲୋଚନା

କେନ୍ଦ୍ରାପଡ଼ା,୭/୨(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ୧୨୧ ଗୋଟି ପ୍ୟାକ୍ସରେ ଚାଷୀମାନେ କିଭଳି ସୁରୁଖୁରୁରେ ଧାନ ବିକ୍ରୟ କରି ଧାର୍ଯ୍ୟ ମୂଲ୍ୟ ପାଇ ପାରିବେ ଓ କୌଣସି କଟନି ଛଟନିକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକରେ ନିଷ୍ପତି ନିଆଯାଇଛି । ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଖଣି ଖାଦାନଗୁଡ଼ିକରେ ବେଆଇନ ଓ ଚୋରା ବାଲି, ମାଟିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ରାଜନଗର, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ପ୍ରଭୃତି ନଦୀକୂଳିଆ ଅଂଚଳରେ ଥିବା ଗାଧୁଆ ତୁଠମାନଙ୍କରେ କୁମ୍ଭୀର ଆକ୍ରମଣ ଭୟ ଥିବାରୁ ଲୋକମାନଙ୍କ ସୁରକ୍ଷା ପାଇଁ ବାଡ଼ ଦେବା ଉପରେ ନିଷ୍ପତି ନିଆଯାଇଛି । ଏହାସହ ଜମି କିଣାବିକା ପାଇଁ ସରକରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ନୂତନ ମୂଲ୍ୟ ଉପରେ ଆଲୋଚନା କରାଯାଇଛି । ଏଥିସହିତ ବିଭିନ୍ନ ତହସିଲଗୁଡ଼ିକରେ ମାର୍ଚ୍ଚ ମାସ ସୁଦ୍ଧା ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ କରିବା ଉପରେ ଆଲୋକପାତ କରାଯାଇଛି ।

# କାଦବରାଙ୍ଗ ପିଏମଶ୍ରୀରେ ବିଦାୟ ସମାରୋହ

ଭଦ୍ରକ, ୭/୨(ନି/ପ୍ର): ଭଦ୍ରକ ଜିଲ୍ଲା ପି ଏମ ଶ୍ରୀ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ବିଦାୟ କାଳୀନ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କୁ ଗୋଲାପ ଫୁଲ ଦେଇ ନୂତନ ଛାତ୍ର ମାନେ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଭଦ୍ରକ ଆଗରପଡାର ଅଧ୍ୟକ୍ଷ ଡ.କାର୍ତ୍ତିକେଶ୍ୱର ରାଉଳ, ବଉଳା ମହାବିଦ୍ୟାଳୟ ସୋସୋର ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ, ଆଗରପଡା ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ ରଞ୍ଜନ ମହାନ୍ତି, ମାଧ୍ୟମିକ ବିଦ୍ୟାଳୟ ଆଲୁମିନି କମିଟି ସଭାପତି ସୁବଳ କାନ୍ତ ପଣ୍ଡା, ଏସଏମସି ସଭାପତି ପ୍ରସନ୍ନ କୁମାର ପଣ୍ଡା, କାଦବରାଙ୍ଗ ପୂର୍ବତନ ସରପଚଂ ଭାଗିରଥୀ ସେଠୀ, ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ ପଲାଇ ପ୍ରମୁଖ ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଜୀବନର ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ସଞ୍ଜୟ ମଜୁମଦାରଙ୍କ ମଂଚ ସଂଯୋଜନାରେ ଅବସରପ୍ରାପ୍ତ ଶିକ୍ଷକ ଲିଳି ପରିଡା,ହରେକୃଷ୍ଣ ପୃଷ୍ଟି, ପ୍ରଧାନଶିକ୍ଷକ ପିତବାସ ଜେନା, ପ୍ରାଥମିକ ଶିକ୍ଷକ ନିରଞ୍ଜନ ପଲାଇ ପ୍ରମୁଖଙ୍କୁ ମାନପତ୍ର, ଉତରୀୟ,ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷୟିତ୍ରୀ ଭାସ୍ୱତୀ ଜେନା, ଅନୁରାଧା ପାଣିଗ୍ରାହୀ, ଅମୃତ ଲାଲ ମହାନ୍ତି, ମାନସ କୁମାର ଭୂୟାଁ, ଜ୍ଞାନ ରଞ୍ଜନ ଖଣ୍ଡେଇ, ଶକୁନ୍ତଳା ରାଉତ, ସ୍ୱପ୍ନା ଗୁପ୍ତା, ଶୁଭଶ୍ରୀ ପଣ୍ଟୁ, ରିଆ ରାଉଳ, ବିଶ୍ୱ ରଞ୍ଜନ ସାମଲ, ଜ୍ୟୋତି ରଞ୍ଜନ ପଣ୍ଡା, ରିତା ରାଣୀ ରାଉତ, ସ୍ୱପ୍ନାଲୋକ ସୂତାର, ସରୋଜ କୁମାର ବେହେରା, ପ୍ରତାପ କୁମାର ମଲ୍ଲିକ, ନମିତା ରାଉତ, ଅଭିଲିପ୍ସା ଷେଣ୍ଡ, ଜ୍ୟୋସ୍ନାରାଣୀ ପହି, କ୍ଷିରୋଦ କୁମାର ଦାସ, ନବନିତା ନନ୍ଦୀ, ଜସ୍ମିନ ରାଉତ, ଗାୟତ୍ରୀ ଜେନା, ସସ୍ମିତା ପାଣିଗ୍ରାହୀ, ସୁରେଶ ସିଂହ, ସନ୍ଧ୍ୟାରାଣୀ ସାହୁ, ପ୍ରଜ୍ଞା ପରମିତା ସାହୁ,ସଙ୍ଗୀତା ବେହେରା, ଆଶିଷ ବିଶ୍ୱାଳ, ମଞ୍ଜୁଲତା ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବୋଡିଗାଁ ପଂଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ

ଜୟପୁର, ୭/୨(ନି/ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ର ବୋଡିଗାଁ ପଂଚାୟତ କାର୍ଯ୍ୟାଳୟରେ ଚଢ଼ଉ କରିଛି ଭିଜିଲାନ୍ସ । ବିଗତ ଦିନରେ ବୋଡିଗାଁ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶତାଧିକ ହିତାଧିକାରୀଙ୍କ ଶ୍ରମିକ ଟଙ୍କା ହଡପ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ ପାଇଁ ବୋଡିଗାଁ ପଂଚାୟତ କାର୍ଯ୍ୟାଳୟରେ ପହଂଚିଛି ଭିଜିଲାନ୍ସର ଏକ ଟିମ୍ । କାର୍ଯ୍ୟାଳୟର ସମସ୍ତ କେଶ ରେକର୍ଡ ଡକୁମେଂଟ, ଅନୁଦାନରେ ଖର୍ଚ୍ଚ ହୋଇଥିବା ସମସ୍ତ ବେଙ୍କ ଆକାଉଂଟର ଷ୍ଟେଟମେଂଟକୁ ଜବତ କରିଛି ଏହି ଟିମ୍ । ଭିଜିଲାନ୍ସ ଡିଏସପିଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ ବୋଡିଗାଁ ପଂଚାୟତ କାର୍ଯ୍ୟାଳୟରେ ପହଂଚିଥିଲେ ।

# ୨୨ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୭/୨(ନି/ପ୍ର):ଐତିହାସିକ ଧଉଳିର ପାଦଦେଶରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀଏବଂ ଆର୍ଟ ଭିଜନ୍ ମିଳିତ ସହଯୋଗରେ ଆୟୋଜିତ ୨୨ତମ ଧଉଳୀ କଳିଙ୍ଗ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଧଉଳି ଶାନ୍ତିସ୍ତୁପର ପାଦଦେଶରେ ଉଦଘାଟିତ ହୋଇଯାଇଛି । ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ୩୦୦ରୁ ଅଧିକ କଳାକାରମାନେ ଅଂଶଗ୍ରହଣ କରିବେ । ଏହି ବର୍ଷ ଧଉଳୀ କଳିଙ୍ଗ ମହୋତ୍ସବ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରୁଛି ।ଏହି ଧଉଳୀ କଳିଙ୍ଗ ମହୋତ୍ସବର ସିଧାପ୍ରସାରଣ ଡ଼ିଡ଼ି-ଭାରତୀ ଏବଂ ପୁନଃ ପ୍ରସାରଣ ଡ଼ିଡ଼ି-ଓଡ଼ିଆ ଚେନାଲରେ କରାଯାଉଅଛି । ପ୍ରତିବର୍ଷ ପରି ଏ ବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ପ୍ରଦତ ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ ୨୦୨୬ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଶ୍ରୀମତୀ ସିକତା ଦାସ, ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଏବଂ ସାଂସ୍କୃତିକ ପୁନରୁଦ୍ଧାରବାଦୀ ଶ୍ରୀ ମନ୍ମଥ କୁମାର ଶତପଥୀ,ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ କେଶବ ଚନ୍ଦ୍ର ରାଉତ ଏବଂ ବିଶିଷ୍ଟ ନୃତ୍ୟ ଗବେଷକ ଡକ୍ଟର ଚିନ୍ନ ରଞ୍ଜନ ମଲ୍ଲିଆଙ୍କୁ ପ୍ରଦାନ କରାଯାଇଥିଲା । ଉଦଘାଟନୀ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଓଡ଼ିଶୀ ନୃତ୍ୟାଙ୍ଗନା ଏବଂ କୋଲକାତା ମୟୂର ଲଳିତ ଡ୍ୟାନ୍ସ ଏକାଡେମୀର ନିର୍ଦ୍ଦେଶକ ଏବଂ ସ୍ୱର୍ଗତ ପଦ୍ମବିଭୂଷଣ ଗୁରୁ କେଲୁଚରଣ ମହାପାତ୍ରଙ୍କ ବରିଷ୍ଠ ଶିଷ୍ୟା ଦେବମିତ୍ରା ସେନଗୁପ୍ତଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ନାଟିକା ସ୍ନେହମୟୀ ଗଙ୍ଗା । ବାଲ୍ମୀକି ରାମାୟଣ ଏବଂ ବ୍ରହ୍ମ ପୁରାଣରେ ବର୍ଣ୍ଣିତ ଗଙ୍ଗା ନଦୀ ଯାହାର ଗତି ଅନାଦି କାଳରୁ ଏବଂ ଯାହାର କୂଳରେ ବସାଯାଇଥିବା ସଭ୍ୟତାଆଧୁନିକ ପ୍ରଦୂଷଣ ଆଡ଼କୁ ଅଗ୍ରସର ହୋଇ ବର୍ତ୍ତମାନର ଭାରତରେ ଗଙ୍ଗା ନଦୀର ପ୍ରାଧାନ୍ୟ ଉପରେ ପର୍ଯ୍ୟବେଶିତ ନୃତ୍ୟ ଯାହାର ସଂଗୀତ ସଂଯୋଜନା ଗୁରୁ ସୁକାନ୍ତ କୁଣ୍ଡୁ, ବାଦ୍ୟ ସଂଯୋଜନାଗୁରୁ ଧନେଶ୍ୱର ସ୍ୱାଇଁଏବଂ ନୃତ୍ୟ ସଂରଚନା ଗୁରୁ ଦେବମିତ୍ର ସେନଗୁପ୍ତଙ୍କ ଦ୍ୱାରା କରଯାଇଥିଲା । ସନ୍ଧ୍ୟାର ଶେଷ ଉପସ୍ଥାପନା ଥିଲା ଶ୍ରୀ ସୁଶାନ୍ତ ମହାତୋ ଏବଂ କାଳିପଦା ଛଉ ନୃତ୍ୟ ସମିତିଙ୍କ ଦ୍ୱାରା ପୁରୁଲିଆ ଛଉ ନୃତ୍ୟ ପରିବେଷଣ । ସେମାନଙ୍କ ପ୍ରସ୍ତୁତିରେ ଥିଲା ମହିଷାସୁର ବଧ ଯେଉଁଥିରେ ଦେବୀ ଦୁର୍ଗା ଏବଂ ରାକ୍ଷସ ରାଜା ମହିଷାସୁରଙ୍କ ମଧ୍ୟରେ ପୌରାଣିକ ଯୁଦ୍ଧକୁ ବର୍ଣ୍ଣନା କରଯାଇଥିଲା । ବର ପ୍ରାପ୍ତି ଦ୍ୱାରା ଶକ୍ତିଶାଳୀ ହୋଇଥିବା ରାକ୍ଷସ ସ୍ୱର୍ଗ ଏବଂ ପୃଥିବୀରେ ଆତଙ୍କ ବିସ୍ତାର କରିଥିଲା । ମହାଜାଗତିକ ସନ୍ତୁଳନ ପୁନଃସ୍ଥାପିତ କରିବା ପାଇଁ, ଦେବୀ ଦୁର୍ଗା ତାଙ୍କ ସାମ୍ନା କରିବା ପାଇଁ ଦିବ୍ୟ ଶକ୍ତି ସହିତ ଆବିର୍ଭୂତ ହୁଅନ୍ତି । ଏହି ପ୍ରସ୍ତୁତିଟି ଗତିଶୀଳ ପୁରୁଲିଆ ଛଉ ପରମ୍ପରାରେ ଉପସ୍ଥାପିତ ହେବା ସହିତ ପ୍ରଦର୍ଶନରେ ଶକ୍ତିଶାଳୀ ଗତିବିଧି, ଡେଇଁବା ଏବଂ ନାଟକୀୟ ମୁଖାଧାରୀ ଭାବପ୍ରବଣତା ରହିଥିଲା । ଏହି ନୃତ୍ୟ-ନାଟିକାଟି ମହିଷାସୁରର ବଧ ସହିତ ଶେଷ ହୋଇଥିଲା, ଯାହା ମନ୍ଦ ଉପରେ ଭଲର ଅନନ୍ତ ବିଜୟ ଏବଂ ଶାନ୍ତିର ପୁନରୁଦ୍ଧାରର ପ୍ରତୀକଥିଲା । ଉଦ୍ଘାଶଟନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡାଏବଂଯୁବସେବା, ଓଡ଼ିଆଭାଷାସାହିତ୍ୟଏବଂସଂସ୍କୃତିବିଭାଗର ମନ୍ତ୍ରୀଶ ସୂର୍ଯ୍ୟବଂଶୀ ସୂରଜ; ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ ;ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତା ଜଗନ୍ନାଥ ପ୍ରଧାନ ;ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନିରୁପମା ସାହୁ; କଳିଙ୍ଗ ହସ୍ପିଟଲର ଅଧ୍ୟକ୍ଷ ସୀତାକାନ୍ତ ଦାସ ;ବିଶିଷ୍ଟ ସଙ୍ଗିତଜ୍ଞ ତଥା ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ (ପ୍ରଫେସର) ରାମହରୀ ଦାସ ;ଓଡ଼ିଆଭାଷା, ସାହିତ୍ୟଓସଂସ୍କୃତିବିଭାଗରସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ;ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବେ ଡକ୍ଟର ଚନ୍ଦ୍ରଶେଖର ହୋତା ; ଧଉଳିର ସରପଚଂ ଚନ୍ଦନ ମଲ୍ଲିକ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସମ୍ପାଦିକା ଗୁରୁ (ଡକ୍ଟର) ଅରୁଣା ମହାନ୍ତି । କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ଡକ୍ଟର ଶ୍ରୀନିବାସ ଘଟୁଆରୀ ଏବଂ ଡକ୍ଟର ନାଜିଆ ଆଲାମ ।




# ୟୁଜିଆଇଇର ଚତୁର୍ଥ ଆଲୁମିନୀ ଫଁକ୍ସନ ଟେକ ଫିଉଜନ-୨୦୨୬

ରାଉରକେଲା,୭/୨(ନି/ପ୍ର) :ୟୁଜିଆଇଇର ଚତୁର୍ଥ ଆଲୁମିନୀ ଫଁକ୍ସନ ୮ ଫେବୃଆରୀ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି ।ଏହି କାର୍ଯ୍ୟକ୍ରମ ର ପ୍ରଥମ ସେଶନ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ ଆମ ୟୁଜିଆଇଇ ଆଲୁମିନୀ ଆଶଗ୍ବାସିଏସନ ର ପେଟ୍ରୋନ ଓ ସୁନ୍ଦରଗଡ଼ର ସାଂସଦ ତଥା ଭାରତ ସରକାର ର ମାନ୍ୟବର ଆଦିବାସୀ ଓ କଲ୍ୟାଣ ମନ୍ତ୍ରୀ ଇଂ ଜୁଏଲ ଓରାମ, ଉଦଘାଟକ ଭାବେ ରାଉରକେଲା ଇସ୍ପାତ କାରଖନାର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଇଂ ଆଲୋକ ବର୍ମା, ସମ୍ମାନିତ ଅତିଥି ଭାବେ ଆମ ୟୁଜିଆଇଇ ଆଲୁମିନୀ ଆଶସ୍ବାସିଏସନ ର ପେଟ୍ରୋନ ତଥା ରାଉରକେଲା ର ମାନ୍ୟବର ବିଧାୟକ ଇଂ ସାରଦା ପ୍ରସାଦ ନାୟକ, ଆମ ୟୁଜିଆଇଇ ଆଲୁମିନୀ ଆଶସ୍ବାସିଏସନ ର ପେଟ୍ରୋନ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ, ରଘୁନାଥପଲ୍ଲୀ ର ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତି ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦାନ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ସେହିପରି ଦ୍ୱିତୀୟ ସେଶନ ରେ ମୁଖ୍ୟ ଅତିଥି ଭାବେ ଶ୍ରୀ ବ୍ରିଜେଶ କୁମାର ରାୟ, ଆଇପିଏସ, ଡିଆଇଜି ଅଫ୍ ପୋଲିସ, ପର୍ଶ୍ଚିମ ରେଞ୍ଜ,ଉଦଘାଟକ ଭାବେ ଦିନାହ ଦସ୍ତାଗିର୍, ଆଇଏଏସ୍, ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ତଥା ଆୟୁକ୍ତ, ରାଉରକେଲା ପୌର ନିଗମ ଏବଂ ସମ୍ମାନିତ ଅତିଥି ଭାବେ ଇଂ. ଯଶସ୍ୱିନୀ ମିଶ୍ର, ମୁଖ୍ୟ ଯନ୍ତ୍ରୀ, ପିଡବ୍ଲ୍ୟୁଡି, ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିଦିନ ଆମ ଶ୍ରଦ୍ଧାନୀୟ ଅତିଥି ଙ୍କ ଦ୍ୱାରା ଏକ ନୂତନ ଭାବେ ତିଆରି ହୋଇଥିବା ୟୁଜିଆଇ ର ମୁଖ୍ୟ ଦ୍ୱାର ଯାହାର ନାମ ଜ୍ଞାନ ଦ୍ୱାର ଅନୁଷ୍ଠାନିକ ଭାବେ ଉଦ୍ଘାଟନ ହେବର କାର୍ଯ୍ୟକ୍ରମ ଅଛି ।ଉକ୍ତ କାର୍ଯ୍ୟକ୍ରମରେ ଆମ ଅନୁଷ୍ଠାନ ର ବିଶିଷ୍ଟ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା କରାଯିବ, ୟୁଜିଆଇଇ ରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ, ୟୁଜିଆଇଇ ଟାଲେଂଟ ହଂଟ ମାଧମ ରେ ହୋଇଥିବା ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ଙ୍କୁ ସମ୍ବର୍ଦ୍ଧିତ କରାଯିବ ଓ ରାଉରକେଲା ର କିଛି ବିଶିଷ୍ଟ ଉଦ୍ୟୋଗପତିଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ ର କାର୍ଯ୍ୟକ୍ରମରେ ମଧ ସମ୍ମିଳିତ ଅଛି । ଏହି କାର୍ଯ୍ୟକ୍ରମ ରେ ଏକ ପୁରାତନ ଛାତ୍ର ସମାବେଶ ସ୍ମୃତିକା ମଧ ମୁଖ୍ୟ ଅତିଥି ଙ୍କର କରକମଳରେ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ଅଛି । ତାହା ସଙ୍ଗେ ସଙ୍ଗେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୃତ୍ୟ, ଗୀତ ଓ ଓର୍କେଷ୍ଟ୍ରା ପରିବେଷଣ ହବ ।ଆଲୁମିନୀ ଆଶସ୍ବାସିଏସନ ସହୃଦୟରୁ ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛୁ ଯେ, ରାଉରକେଲା ର ବସ୍ୱାସ କରୁଥିବା ପୁରାତନ ଛାତ୍ର ଛାତ୍ରୀମାନେ ଆସନ୍ତୁ ୮ ଫେବୃଆରୀ ୨୦୨୬ ରେ ସାମିଲ ହୁଅନ୍ତୁ ଓ ସମସ୍ତେ ଆସି ଏହି ସମାରୋହକୁ ସଫଳ କରିବା ଏବଂ ତା ସଙ୍ଗେ ସଙ୍ଗେ ପୁରାତନ ଛାତ୍ର ସଂଘକୁ ଶକ୍ତିଶାଳୀ କରନ୍ତୁ ।

# ଜନଗହଳିପୂର୍ଣ୍ଣ ରେଳଷ୍ଟେସନ ଅଚଂଳରେ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା: ରାଉରକେଲା ପୋଲିସର ତଦନ୍ତ ଜାରି



ରାଉରକେଲା, ୭/୨(ନି/ପ୍ର): ଗତକାଲି ସନ୍ଧ୍ୟାରେ ରାଉରକେଲା ରେଳ ଷ୍ଟେସନ ନିକଟସ୍ଥ ଏକ ଚା ଦୋକାନୀକୁ ଛୁରୀ ଭୁଷି ହତ୍ୟା କରାଯାଇଛି । ଚା ଦୋକାନୀ ଅବିନାଶ ଯାଦବ ତାଙ୍କ ଭାଇଙ୍କ ସହ ମିଶି ତା ଦୋକାନ ଚଳାଉଥିଲେ । ଗତକାଲି ସନ୍ଧ୍ୟାରେ ଅବିନାଶ ତାଙ୍କ ଭାଇଙ୍କୁ ଛାଡି ନିକଟରେ ଥିବା ଏକ ଶୌଚାଳୟକୁ ଶୌଚ ପାଇଁ ଯାଇଥିଲେ । ଶୌଚାଳୟ ମଧ୍ୟରୁ ଫେରୁଥିବା ବେଳେ ୩ ଦୁର୍ବୃତ ସେଠାରେ ପହଚିଂ ଶୌଚାଳୟ ପରିସରରେ ଅବିନାଶଙ୍କୁ ଛୁରି ଭୁଷି ହତ୍ୟା କରି ଫେରାର ହୋଇଯାଇଥିଲେ । ଏହି ହତ୍ୟା ଘଟଣାଟି ଘଟିଛି ରାଉରକେଲା ସହରର ପ୍ଲାଟଂସାଇଟ୍ ଥାନା ଅନ୍ତର୍ଗତ ରେଳ ଷ୍ଟେସନ ନିକଟସ୍ଥ ଅମର ଭବନ ନିକଟରେ ଥିବା ମଡର୍ଣ୍ଣ ଡିଲକ୍ସ ଶୌଚାଳୟ ପରିସରରେ । ଗୋଟିଏ ଚା ଦୋକାନକୁ ପରିଚାଳନା କରି ଅବିନାଶ ଯାଦବ ଓ ତାଙ୍କ ଭାଇ ପେଟ ପୋଷୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି । ହତ୍ୟାର ଶିକାର ହୋଇଥିବା ଅବିନାଶଙ୍କ ଘର ଗୋପବନ୍ଧୁପାଲି ଅଚଂଳର ବୋଲି ଜଣାପଡ଼ିଛି । ହତ୍ୟାର କାରଣ ଅସ୍ପଷ୍ଟ ରହିଛି । ପ୍ଲାଟଂସାଇଟ୍ ପୋଲିସ ଘଟଣାସ୍ଥଳରେ ପହଚିଂ ହତ୍ଯା ଘଟଣାର ତଦନ୍ତ ଜାରି ରଖିଛନ୍ତି । ଚା ଦୋକାନୀଙ୍କ ଭାଇଙ୍କ କହିବା ଅନୁସାରେ ୬ ମାସ ପୂର୍ବରୁ ହତ୍ଯାର ଶୀକାର ହୋଇଥିବା ଅବିନାଶ ଯାଦବଙ୍କ ସହିତ କିଛି ଯୁବକଙ୍କର ଝଗଡା ଓ ହାତାହାତି ହୋଇଥିଲା ଏବଂ ସେ ସେହି ଘଟଣାର ସମାଧାନ କରିଥିଲେ । କରିଥିଲେ । ଆଜି ରାଉରକେଲା ପୋଲିସର ସାଇଟିଂଫିକ୍ ଟିମ୍ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ଅଭିଯୁକ୍ତମାନେ ଶୀଘ୍ର ଧରାପଡିଯିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ସରକାରୀ ଜମିରେ ଅଫିମ ଚାଷ : ୫୦ଲକ୍ଷ ଟଙ୍କାର ଅଫିମ ଚାଷକୁ ନଷ୍ଟ କରାଗଲା



ରାଉରକେଲା,୭/୨(ନି/ପ୍ର): ବେଆଇନ ଅଫିମ ଚାଷ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, କୋଇଡା ପୋଲିସ ଏବଂ ଅବକାରୀ ବିଭାଗ ସରକାରୀ ଜମିରେ ବେଆଇନ ଭାବରେ ଚାଷ କରାଯାଇଥିବା ପ୍ରାୟ ୫୦ ଲକ୍ଷ ଟଙ୍କାର ଅଫିମ ଚାଷକୁ ନଷ୍ଟ କରାଯାଇ ଏକ ସଫଳତା ହାସଲ କରାଯାଇଛି । ସୂଚନା ଅନୁସାରେ କୁସୁମଡିହି ଜଙ୍ଗଲ ଅଚଂଳରେ ବେଆଇନ ଭାବେ କରାଯାଇଥିବା ଅଫିମ ଚାଷକୁ ଚିହ୍ନଟ କରାଯାଇଥିଲା । ସେଠାରେ ଚାଷ କରାଯାଇଥିବା ଅଫିମ ଗଛଗୁଡ଼ିକରେ ଫୁଲ ଫୁଟିବା ଆରମ୍ଭ କରିସାରିଥିଲା । ଏହା ଅଫିମ ଅମଳ ପାଇଁ ପ୍ରକୃଷ୍ଟ ସମୟ ଥିଲା ବୋଲି ଜଣାପଡିଛି । ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ଆଧାରରେ କାର୍ଯ୍ୟ କରାଯାଇ, ପୋଲିସ ଏବଂ ଅବକାରୀ ଅଧିକାରୀଙ୍କ ମିଳିତ ଦଳ ଶନିବାର ସକାଳେ ଚଢାଉ କରି ସମ୍ପୂର୍ଣ୍ଣ ଫସଲକୁ ଉପାଡ଼ି ପକାଇଥିଲେ । ସୂଚନା ଯୋଗ୍ୟ ଯେ, ଓଡ଼ିଶାରେ ଏପର୍ଯ୍ୟନ୍ତ ଠାବ କରାଯାଇଥିବା ସବୁଠାରୁ ବଡ଼ ଅବୈଧ ଅଫିମ ଚାଷ ବୋଲି ବିଶ୍ୱାସ କରାଯାଉଛି । ଉଲ୍ଲେଖଯୋଗ୍ୟ, ବଣାଇଁ ଉପ-ଡିଭିଜନର କିଛି ସ୍ଥାନରେ ଦୀର୍ଘ ସମୟ ଧରି ନିଶାଦ୍ରବ୍ୟ ଫସଲର ଅବୈଧ ଚାଷ ହେଉଥିବା ସୂଚନା ହସ୍ତଗତ କରାଯାଇଛି । କିଛି ଦିନ ପୂର୍ବରୁ, ବଣାଇଁ ଅଚଂଳରେ ମଧ ସମାନ ଅବୈଧ ଅଫିମ ଚାଷ ନଷ୍ଟ କରାଯାଇଥିଲା । ସୁନ୍ଦରଗଡ ଜିଲ୍ଲା କୋଇଡାରେ ନୂତନ ଭାବରେ ନଷ୍ଟ କରାଯାଇଥିବା ଅଫିମ ଚାଷ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଚିନ୍ତା ସୃଷ୍ଟି କରିଛି । ଏହା ଅଚଂଳରେ ନିଶାଦ୍ରବ୍ୟ ସମ୍ପର୍କିତ କାର୍ଯ୍ୟକଳାପର ବର୍ଦ୍ଧିତ ବିପଦକୁ ଉଜାଗର କରିଛି । ବେଆଇନ ଚାଷରେ ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି ।

# ଏନଡିସି ଅଧିକାରୀମାନଙ୍କ ସମୀକ୍ଷା ବୈଠକ

ପୁରୀ, ୭/୨(ନି/ପ୍ର) :ଏନଡିସି (ନ୍ୟାସନାଲ ଡିଫେନ୍ସ କଲେଜ)ର ୧୭ ଜଣିଆ ଟିମ୍ ବିଶିଷ୍ଟ ଅଧିକାରୀ ମାନଙ୍କ ଏକ ସମୀକ୍ଷା ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଗୁଡିକର ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ଯୋଜନାରେ ଜିଲ୍ଲାର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଣୟନ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକର ସଫଳ ରୂପାୟନ, ମାର୍ଗଦର୍ଶିକା ଆଧାରରେ ହିତାଧିକାରୀ ଚୟନ, କାର୍ଯ୍ୟାନ୍ୱୟନ, କ୍ଷେତ୍ର ପରିଦର୍ଶନ, ତଦାରଖ, ସମୀକ୍ଷା ଓ ମୂଲ୍ୟାଙ୍କନ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ବିଷଦ ଭାବେ ଏନଡିସି ଟିମ କୁ ଅବଗତ କରାଇଥିଲେ । ଟିମ ର ନେତୃତ୍ୱ ନେଉଥିବା ମେଜର ସି.ପି. ଶର୍ମା ଓ ଅନ୍ୟ ସଦସ୍ୟ ମାନେ ଯୋଜନା ଗୁଡିକର ରୂପରେଖ, କାର୍ଯ୍ୟକାରିତା ଇତ୍ୟାଦି ସମ୍ପର୍କରେ ବିବିଧ ଜିଜ୍ଞାସା କରିଥିଲେ । ଜିଲ୍ଲାପାଳ ଶ୍ରୀ ପରିଡା ଓ ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ସଂପୃକ୍ତ ବିଭାଗର ଅଧିକାରୀ ମାନେ ଏହି ଜିଜ୍ଞାସା ଗୁଡିକର ଉତର ରଖିଥିଲେ । ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ବ୍ୟାଙ୍କ ସମୂହ, ଜିଲ୍ଲା ସମାଜ କଲ୍ୟାଣ, ଜିଲ୍ଲା ମୁଖ୍ୟ କୃଷି, ପ୍ରାଣୀ ସମ୍ପଦ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପର୍ଯ୍ୟଟନ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ଟିପିସିଓଡିଏଲ, ଗ୍ରାମ୍ୟ ଉନ୍ନୟନ, ଜିଲ୍ଲା ପରିଷଦ, ପୁରୀ ପୌର ପାଳିକା ଓ ୱାଟକୋ ର ବିଭିନ୍ନ କାର୍ଯ୍ୟକାରିତା ସମ୍ପର୍କରେ ସମ୍ପୃକ୍ତ ବିଭାଗର ଅଧିକାରୀ ମାନେ ତଥ୍ୟ ଉପସ୍ଥାପନ କରିଥିଲେ । ଏହା ଉପରେ ସମୀକ୍ଷା କରି ଏନଡିସି ର ସଦସ୍ୟ ରାଜେଶ ୟତନ ଏନ. ବ୍ରଜେଶ କୁମାର ସିଂ, ବ୍ରିଗେଡିଏର ଆର ମିନହାସ, ବ୍ରିଗେଡିଏର ପି ଆର ଚୌହାନ, ବ୍ରିଗେଡିଏର ଭାରତ ଭୂଷଣ, ବ୍ରିଗେଡିଏର ସୁମିତ କାପୁର, ବ୍ରିଗେଡିଏର ଭି ସି ଏମ ମିତଲ, କର୍ଣ୍ଣେଲ କର୍ମା ଲିଓ୍ବାଙ୍ଗ, କର୍ଣ୍ଣେଲ ଜୀବନ କାର୍କି, କର୍ଣ୍ଣେଲ ଜବ ଖଣ୍ଡନବୟତ ଡାନସ୍ତ୍ରାଗଦର୍ଜ, କର୍ଣ୍ଣେଲ ହରହାନେସ ଖାନଭେଲୟାନ, ନିରଞ୍ଜନ ସିସି, ଏୟାର କମେଡ ଏସ ଭି ସିଦୋର,ଏୟାର କମେଡ ପ୍ରଶାନ୍ତ, ଏୟାର କମେଡ ଦୁଲ୍ଲୀପ, ଏୟାର କମେଡ ସନ୍ତୋଷ ହେସପଲ ପ୍ରମୁଖ ବିବିଧ ପ୍ରଶ୍ନ କରିଥିଲେ । ଜିଲ୍ଲାପାଳ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହାର ସନ୍ତୋଷଜନକ ଉତର ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ

ଭୁବନ,୭/୨: ଭୁବନ ସହର ଉପକଣ୍ଠସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ , ପୁରୁଷୋତମପୁର ର ଚତୁର୍ଥ ବାର୍ଷିକ ଉତ୍ସବ ( ଡାଇନାଫେଷ୍ଟ) ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧକ୍ଷ ରଶ୍ମିପ୍ରଭା ସାହୁଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ ରିତାଞ୍ଜଳି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ,ଆଦର୍ଶ ବିଦ୍ୟାଳୟରେ ଉନ୍ନତ ମାନର ଶିକ୍ଷା ସହିତ ଭବିଷ୍ୟତର ସୁସଂସ୍କୃତ,ସଚେତନ ଓ ସକ୍ଷମ ନାଗରିକ ଗଢି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ମୁଖ୍ୟବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠର ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ ଯେ ଆଦର୍ଶବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରତ୍ୟେକ ବିଦ୍ୟାର୍ଥୀ ମାନେ ଭବିଷ୍ୟତରେ ଜଣେ ଜଣେ ଆଦର୍ଶବ୍ୟକ୍ତି ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ ।

# ୨୧୨ ଜଣ ରୋଗୀଙ୍କର ମାଗଣା ଚକ୍ଷୁ ଅପରେସନ



ରାଉରକେଲା, ୭/୨(ନି/ପ୍ର): ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ଦ୍ୱାରା ପରିଚାଳିତ ରାଉରକେଲା ବେଦବ୍ୟାସ ଲାୟନ୍ସ ଚକ୍ଷୁ ଏବଂ ଜେନେରାଲ ହସ୍ପିଟାଲ ପରିସରରେ ଆଜି ସକାଳ ୧୦:୩୦ ସମୟରେ ଜାନୁଆରୀ ମାସରେ ଆୟୋଜିତ ଆଇ.ଓ.ଏଲ୍ (ମୋତିଆବିନ୍ଦ) ଶିବିରର ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରୋଗୀମାନଙ୍କୁ ମାଗଣା ଚଷମା ଓ ଔଷଧ ପ୍ରଦାନ କରାଯିବା ସହ ସହଯୋଗ କରିଥିବା ଦାତାମାନଙ୍କୁ ସମ୍ମାନିତ କରାଯାଇଛି । ସହଯୋଗୀ ଭାବେ ସି.ଏ ରାଜେଶ ଅଗ୍ରୱାଲ ଓ ତାଙ୍କ ପରିବାର ଏବଂ ସଞ୍ଜୟ ବେଦ ଓ ତାଙ୍କ ପରିବାରଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ଦାତାମାନେ ୧ ଜାନୁଆରୀ ୨୦୨୬ ରୁ ୩୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ଆଇ.ଓ.ଏଲ୍ ଶିବିରଗୁଡ଼ିକର ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ଜାନୁଆରୀ ମାସରେ ମୋଟ ୨୧୨ ଜଣ ରୋଗୀଙ୍କର ସଫଳ ମୋତିଆବିନ୍ଦ ଅପରେସନ କରାଯାଇଛି । ହସ୍ପିଟାଲ ପକ୍ଷରୁ ୧୦ଟି ଭିନ୍ନ ଭିନ୍ନ ଗ୍ରାମରେ ଚକ୍ଷୁ ପରୀକ୍ଷା ଶିବିର କରାଯାଇ ଅସହାୟ ଓ ଦରିଦ୍ର ରୋଗୀମାନଙ୍କୁ ଚିହ୍ନଟ କରାଯାଇଥିଲା । ସେମାନଙ୍କୁ ହସ୍ପିଟାଲ ଆଣି ସଫଳତାର ସହ ସେମାନଙ୍କ ଦୃଷ୍ଟିଶକ୍ତି ଫେରାଇ ଦିଆଯାଇଛି । ସମ୍ମାନ ସମାରୋହରେ ଲାୟନ୍ ସି.ଏ ପଵନ ଅଗ୍ରୱାଲ ସଭାପତି ଲାୟନ୍ ସୁରେଶ କେଜ୍ରିୱାଲ ହସ୍ପିଟାଲ ଚେୟାରମ୍ୟାନ୍ ଲାୟନ୍ ବିକାଶ ବିନ୍ଦଲ ସମ୍ପାଦକ ଲାୟନ୍ ସି.ଏ ଅଖିଳ ଶାହା କୋଷାଧକ୍ଷ ଲାୟନ୍ ବେଣୀ ଗୋପାଳ ମଲାନୀ (ପୂର୍ବତନ ସଭାପତି), ଲାୟନ୍ ସତୀଶ ଗୌତମ (ହସ୍ପିଟାଲ ଉପାଧକ୍ଷ)ଙ୍କ ସମେତ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଲାୟନ୍ସ କ୍ଲବ ଅଫ୍ ରାଉରକେଲା ବେଦବ୍ୟାସ ପକ୍ଷରୁ ସମାଜର ବଂଚିତ ବର୍ଗଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏହି ଅଭିଯାନ ଭବିଷ୍ୟତରେ ମଧ ଜାରି ରହିବ ବୋଲି ହସ୍ପିଟାଲ ଅଧକ୍ଷ ସୁରେଶ କେଜ୍ରିୱାଲ ସୂଚନା ଦେଇଛନ୍ତି ।

# ଆରଏସପିର ଷ୍ଟିଲ ମେଲ୍ଟିଂ ସପ୍-୨ରେ ଉଲ୍ଲେଖନୀୟ ପ୍ରୟାସ ନିମନ୍ତେ କର୍ମଚାରୀ ପୁରସ୍କୃତ



ରାଉରକେଲା,୭/୨(ନି/ପ୍ର) :ସେଲ୍,ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର ଷ୍ଟିଲ ମେଲ୍ଟିଂ ସପ୍-୨(ଏସଏମଏସ-୨)ରେ ଫେବୃଆରୀ ୩ ତାରିଖରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଉତ୍ପାଦନ, ରକ୍ଷଣାବେକ୍ଷଣ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ନିଜର ଅନୁକରଣୀୟ ଅବଦାନ ପାଇଁ ଏସଏମଏସ-୨ ସମେତ ସହାୟକ ବିଭାଗଗୁଡିକର ୮୬ ଜଣ କର୍ମଚାରୀଙ୍କୁ ସେଲ୍ ଶାବାସ୍ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏସଏମଏସ-୨ ବିଭାଗର ସିଜିଏମ ଶ୍ରୀ ଏମ.ଜି. ଶ୍ରୀକାନ୍ତ ଅଧକ୍ଷତା କରିବା ସହ ପୁରସ୍କାର ପ୍ରଦାନ କରିଥିଲେ । ଶ୍ରୀ ଶ୍ରୀକାନ୍ତ ଏହି କାର୍ଯ୍ୟକ୍ରମରେ ୨୦୨୫ ମସିହା ଜୁଲାଇ, ଅଗଷ୍ଟ, ସେପଟ୍ମେର ଏବଂ ଅକ୍ଟୋବର ମାସ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ, କାରଖାନାରେ ନିଜର ୨୫ ବର୍ଷ ଉତ୍ସର୍ଗୀକୃତ ସେବା ପୂରଣ କରିଥିବା ଛଅ ଜଣ କର୍ମଚାରୀଙ୍କୁ ଦୀର୍ଘ ସେବା ପୁରସ୍କାର ପ୍ରମାଣପତ୍ର ମଧ ପ୍ରଦାନ କରାଯାଇଥିଲା । ପୁରସ୍କାରପ୍ରାପ୍ତମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଶ୍ରୀକାନ୍ତ ସେମାନଙ୍କ ପ୍ରୟାସ ଏବଂ ନିଷ୍ଠାକୁ ପ୍ରଶଂସା କରିବା ସହ ସମସ୍ତ କର୍ମଚାରୀଙ୍କୁ ଆଗକୁ ଏହି ଭଳି ନେତୃତ୍ୱ ନେଇ ଉତ୍ପାଦନ, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ସମାନ ଉତ୍ସାହ ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗ ମୁଖ୍ୟ, ଡ଼ିଏସଓ, ବରିଷ୍ଠ ଅଧିକାରୀ ଏବଂ ସମ୍ବଳ ବିଭାଗର ପ୍ରତିନିଧିଙ୍କ ସମେତ ବହୁ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏସଏମଏସ-୨ ର ସିନିୟର ମ୍ୟାନେଜର ଶ୍ରୀ ପ୍ରଶାନ୍ତ କୁମାର ନାୟକ ସଂଯୋଜନା କରିଥିଲେ ।

# ସରକାରଙ୍କ ଶ୍ରମ ନିୟମ ଉଲଙ୍ଘନ ନେଇ ଓଡିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ରାଉରକେଲା,୭/୨(ନି/ପ୍ର): ଆରଜିଏଚ୍ (ରାଉରକେଲା ସରକାରୀ ଡାକ୍ତରଖାନା)ରେ ୧୫ ଜଣ ଆଉଟସୋର୍ସିଂ କର୍ମଚାରୀଙ୍କ ପୁନଃ ଥଇଥାନ ଦାବିକରି ହିନ୍ଦ ମଜଦୁର ସଭା ପ୍ରତିବନ୍ଧିତ ରାଉରକେଲା ଓଡିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ରାଉରକେଲା ସରକାରୀ ଚିକିତ୍ସାଳୟ ପରିସରରେ ଥିବା ଓଡିଶା ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ସରକାରୀ ଡାକ୍ତରଖାନାରୁ ଛଟେଇ ହୋଇଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ଗତ ୨୦୨୬ ଫେବୃଆରୀ ୧ ତାରିଖରୁ ଛଟେଇ କରିବା ପରିବର୍ତ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ୧୫ ଜଣ କର୍ମଚାରୀଙ୍କୁ ପୁନର୍ବାର କାର୍ଯ୍ୟ ପ୍ରଦାନ କରିବା ପାଇଁ ଓଡିଶା ମେଡିକାଲ କର୍ମଚାରୀ ସଂଘ ଦାବିପତ୍ର ପ୍ରଦାନ କରାଯାଇଥିଲା । ମେଡିକାଲ କର୍ମଚାରୀ ସଂଘ ଅନେକ ଥର ସମସ୍ୟାର ସମାଧାନ ପାଇଁ ସୁଯୋଗ ଦେବା ସହିତ ସେମାନଙ୍କୁ ପୁନଃ ନିୟୋଜିତ କରିବାକୁ ଚେଷ୍ଟା କରିଛି କିନ୍ତୁ ଡାକ୍ତରଖାନା ପରିଚାଳନା କର୍ତ୍ତୃପକ୍ଷ ଏବଂ ଆଉଟସୋର୍ସିଂ ଏଜେନ୍ସି ଉଭୟ ସଂଘର ପ୍ରସ୍ତାବଗୁଡ଼ିକୁ ଏଡ଼ାଇ ଦେଇଛନ୍ତି । ଆହୁରି ମଧ ଓଡିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା ଯେ ମାନବିକତା ଦୃଷ୍ଟିରୁ ସେମାନଙ୍କୁ ପୁନଃ ନିୟୋଜିତ କରନ୍ତୁ ବୋଲି । କାରଣ ସେମାନଙ୍କର ବୟସ ୬୦ ବର୍ଷରୁ ଅଧିକ ହୋଇନାହିଁ । ତେଣୁ ସଂଘ ପକ୍ଷରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଅନୁରୋଧ କରାଯାଇଥିଲା ଯେ, ବାହାର କରାଯାଇଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ଆଜି ଅର୍ଥାତ ଫେବୃଆରୀ ୭ ତାରିଖ ସକାଳ ୧୦ଟା ୩୦ ମଧ୍ୟରେ ପୁନଃ ନିୟୋଜିତ କରିବା । ରାଉରକେଲା ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ସମସ୍ତ ଆଉଟସୋର୍ସିଂ କର୍ମଚାରୀ ଫେବୃଆରୀ ୧୦ ତାରିଖରୁ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରିବା ସହିତ ଧାରଣାରେ ଅଂଶଗ୍ରହଣ କରିବେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ଦିଗମ୍ବର ମହାନ୍ତି, ବାବୁଲା କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



ଆରଏମସି ପକ୍ଷରୁ କୋଏଲ ନଗର ପାର୍କ ସମ୍ମୁଖରେ ଫୁଟପାତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ